ଓଡ଼ିଶା ସରକାର

# ବଜେଟ୍

## ୨୦୧୪-୧୫

ପ୍ରଥମ ଭାଗ

# କୃଷି







ଶ୍ରୀ ପ୍ରଦିପ କୁମାର ଅମାତ
ଅର୍ଥ ମନ୍ତ୍ରୀଙ୍କ
ଦ୍ୱାରା ଉପସ୍ଥାପିତ

୨୭ ଜୁନ, ୨୦୧୪

ମାନ୍ୟବର ବାଚସ୍ପତି ମହୋଦୟ !

ଏହି ପବିତ୍ର ଗୃହରେ 2014-15 ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବା ମୋ ପକ୍ଷରେ ଅତ୍ୟନ୍ତ ସୌଭାଗ୍ୟର ବିଷୟ । ମୁଁ ଏହାକୁ ଦୁଇଟି ଭାଗରେ ଉପସ୍ଥାପନ କରୁଅଛି । ପ୍ରଥମ ଭାଗଟି କୃଷି ବଜେଟ୍ ଏବଂ ଦ୍ୱିତୀୟ ଭାଗଟି ସାଧାରଣ ବଜେଟ୍ । ପ୍ରଥମରେ ମୁଁ କୃଷି ବଜେଟ୍ ଉପସ୍ଥାପନ କରୁଅଛି ।

## ଭାଗ - 1
## କୃଷି

ଆମର ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟଙ୍କ ପରାମର୍ଶ କ୍ରମେ ଗତବର୍ଷ ପ୍ରଥମର ପାଇଁ  କୃଷି ବଜେଟ୍ ଏହି ପବିତ୍ର ଗୃହରେ ଉପସ୍ଥାପନ କରାଯାଇଥିଲା । କୃଷି ବଜେଟ୍ ଉପସ୍ଥାପନ କରିବାରେ ସମଗ୍ର ଭାରତ ବର୍ଷରେ ଓଡ଼ିଶା ହେଉଛି ଦ୍ୱିତୀୟ ରାଜ୍ୟ । ଏହା କୃଷିକ୍ଷେତ୍ର ପ୍ରତି ସରକାରଙ୍କର ନିଷ୍ଠା  ଓ ପ୍ରତିବଦ୍ଧତାର ନିଦର୍ଶନ ଅଟେ । ଏହି ବର୍ଷ ମଧ୍ୟ ସଂପୃକ୍ତ କ୍ଷେତ୍ରର ଭାଗୀଦାରମାନଙ୍କ ସହ ବୈଠକ କରି ଏବଂ ବିଭିନ୍ନ ସଂଗଠନ ଗୁଡ଼ିକ ସହ ପରାମର୍ଶକରି ଏହି କୃଷି ବଜେଟ୍ ପ୍ରସ୍ତୁତ କରାଯାଇଛି ।

**2.** 2012-13 ବର୍ଷରେ ଆମରାଜ୍ୟ ସବୁଠାରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ଓ ଉତ୍ପାଦକତା ହାସଲ କରିଛି। ବିଗତ ତିନି ବର୍ଷ ମଧ୍ୟରେ ଦ୍ୱିତୀୟଥର ପାଇଁ ଭାରତ ସରକାର ଏହି ସଫଳତା ପାଇଁ ଆମକୁ ସମ୍ମାନଜନକ 'କୃଷି କର୍ମଣ ପୁରସ୍କାର' ରେ ପୁରସ୍କୃତ କରିଛନ୍ତି ।  ଏହି ସଫଳତା ପାଇଁ ଆମେ ନିଶ୍ଚିତ ଭାବରେ ଗୌରବାନ୍ୱିତ ମନେକରୁଅଛୁ । କିନ୍ତୁ 2013-14 ବର୍ଷଟି ଆମପାଇଁ ଶୁଭଙ୍କର ନଥିଲା, କାରଣ ମହାବାତ୍ୟା ଫାଇଲିନ୍ ଯୋଗୁଁ ଫସଲ, ଫଳ ଓ ପନିପରିବା ଇତ୍ୟାଦିର ବ୍ୟପକ କ୍ଷୟକ୍ଷତି ହୋଇଥିଲା।  ଫସଲ ଗୁଡ଼ିକର କ୍ଷତି

ସଂଙ୍ଗେ ସଂଙ୍ଗେ ଏହି ପ୍ରାକୃତିକ ଦୁର୍ବିପାକ ନର୍ସରୀ ଏବଂ ସୁରକ୍ଷିତ ଭିତ୍ତିଭୂମିରେ ବ୍ୟାପକ କ୍ଷତି କରିଥିଲା । 2013-14 ରେ ଫାଇଲିନ୍ ବାତ୍ୟା ଓ ତତ୍‌ଜନିତ ବନ୍ୟା ଦ୍ୱାରା କ୍ଷତି ସତ୍ତ୍ୱେ ଏହି ଆର୍ଥିକ ବର୍ଷରେ ଆମେ ଯଥେଷ୍ଟ ଖାଦ୍ୟଶସ୍ୟ ଉତ୍ପାଦନ କରିବା ପାଇଁ ସକ୍ଷମ ହୋଇପାରିଛୁ । ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ସରକାର କୃଷି କ୍ଷେତ୍ରରେ କ୍ରମାଗତଭାବରେ ଅଧିକ ଅଭିବୃଦ୍ଧି ହାର ହାସଲ କରିଛନ୍ତି । ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ମଧ୍ୟ ଏହି ପ୍ରଗତି ଏବଂ ଅଭିବୃଦ୍ଧି ହାର ବଜାୟ ରଖିବା ପାଇଁ ଆମର ପ୍ରଚେଷ୍ଟା ଜାରି ରହିଛି । ଏହି ସଫଳତା ପ୍ରମାଣିତ କରୁଛି ଯେ ଗତ ଦଶନ୍ଧି ମଧ୍ୟରେ ଓଡ଼ିଶାର କୃଷି ଅଧିକ ସମୃଦ୍ଧଶାଳୀ ହୋଇପାରିଛି ।

3. ଓଡ଼ିଶା କୃଷିକ୍ଷେତ୍ରରେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥାଏ ଯଥା : ସ୍ୱଳ୍ପ ପୁଞ୍ଜି ନିବେଶ, ବିନିଯୋଗ ତୁଳନାରେ ସ୍ୱଳ୍ପ ଆମଦାନୀ, ଆନୁଷ୍ଠାନିକ ଋଣର ସ୍ୱଳ୍ପ ଉପଲବ୍‌ଧି, ଯଥେଷ୍ଟ ଜଳସେଚନର ଅଭାବ, ଜମିର କ୍ଷୁଦ୍ର ଆକାର, କୃଷି ଉତ୍ପାଦନ ସାମଗ୍ରୀର ଦର ବୃଦ୍ଧି, ବନ୍ୟା, ବାତ୍ୟା ଓ ମରୁଡ଼ି ଆଦି ପ୍ରାକୃତିକ ଦୃବିପାକ । ଏହା ବ୍ୟତୀତ, ପଣ୍ୟାଗାରରେ ସଂରକ୍ଷଣ, ପ୍ରକ୍ରିୟାକରଣ ଓ ବିପଣନ ଆଦି ଅମଳ ପରବର୍ତ୍ତୀ ଆବଶ୍ୟକତାର ଅଭାବ ଏବଂ ଫସଲ କ୍ଷତିକୁ ପ୍ରତିହତକରିବା ପାଇଁ ଉପଯୁକ୍ତ ବୀମା ବ୍ୟବସ୍ଥା ନଥିବା ହେତୁ କୃଷକ ତାଙ୍କର ଯଥୋଚିତ ପ୍ରାପ୍ୟ ପାଇପାରୁ ନାହାନ୍ତି । ମୋଟ ରାଜ୍ୟ ଘରୋଇ ଉତ୍ପାଦକୁ କୃଷିର ଅବଦାନ ହ୍ରାସ ପାଇବାରେ ଲାଗିଛି, ମାତ୍ର କୃଷି ଉପରେ ପୂର୍ବବତ୍ ସେତିକି ଲୋକ ନିର୍ଭରଶୀଳ ଅଛନ୍ତି ।

4. ଯଦିଓ କୃଷିର ଅବଦାନ ମୋଟ ରାଜ୍ୟ ଘରୋଇ ଉତ୍ପାଦ (GSDP) ର 15 ପ୍ରତିଶତ, ଏହା ସମୁଦାୟ ଶ୍ରମବଳର 60 ପ୍ରତିଶତ କୁ ନିଯୁକ୍ତି ପ୍ରଦାନ କରିଥାଏ । ଏହା 70 ପ୍ରତିଶତ ଜନସଂଖ୍ୟା ପାଇଁ ଜିବୀକା ନିର୍ବାହର ଏକମାତ୍ର ସାଧନ ଅଟେ । ଏକ ପକ୍ଷରେ କୃଷି ଉତ୍ପାଦନ ସାମଗ୍ରୀ ଓ ଶ୍ରମର ଅଧିକ ଦର,

ମୃର୍ତ୍ତିକାର ଉର୍ବରତା ହ୍ରାସ, କୀଟନାଶକ ଔଷଧକୁ ପ୍ରତିହତ କରୁଥିବା ପୋକ ମାନଙ୍କର ଆବିର୍ଭାବ ଓ ଅନ୍ୟ ପକ୍ଷରେ ଉତ୍ପାଦିତ କୃଷି ସାମଗ୍ରୀର ଯଥୋଚିତ ମୂଲ୍ୟ ନମିଳିବା, କୃଷି ଉତ୍ପାଦିତ ଦ୍ରବ୍ୟର ମାନ୍ଦା ବଜାର ମୂଲ୍ୟ, ପଣ୍ୟାଗାର ଓ ବିପଣନ ଆଦି ସୁବିଧାର ଅଭାବ ହେତୁ କୃଷକଙ୍କ ନିଟ୍ ଆୟ୍ ହ୍ରାସ ପାଉଛି । ଅର୍ଜୁନ ସେନ୍ ଗୁପ୍ତା କମିଶନଙ୍କ ରିପୋର୍ଟ (2007) ଅନୁଯାୟୀ କୃଷକ ପରିବାରର ମାସିକ ବ୍ୟୟ୍ 2770 ଟଙ୍କା ହେଉଥିବା ସ୍ଥଳେ ମାସିକ ଆୟ୍ 2115 ଟଙ୍କା । ଏହାହିଁ କୃଷକମାନଙ୍କର ଆର୍ଥିକ ଅବସ୍ଥାର ପ୍ରତିଚ୍ଛବି । ଉତ୍ପାଦନକାରୀ ଓ ଉପଭୋକ୍ତା ହିସାବରେ ଉଭୟ୍ ଦିଗରୁ କୃଷକ ମୁଦ୍ରାସ୍ଫିତି ଜନିତ ସମସ୍ୟାର ସମ୍ମୁଖୀନ ହେଉଅଛି ।

5. ଜାତୀୟ୍ କୃଷି ନୀତିରେ କୃଷିର ସାମଗ୍ରିକ ଘରୋଇ ଉତ୍ପାଦନରେ 4 ପ୍ରତିଶତ ଅଭିବୃଦ୍ଧିର ଲକ୍ଷ୍ୟ ରଖା ଯାଇଛି । ଅର୍ଥନୀତିର ୨ ପ୍ରତିଶତ ସାମଗ୍ରିକ ଅଭିବୃଦ୍ଧି ଲକ୍ଷ୍ୟ ହାସଲ ପାଇଁ ଏହା ଆବଶ୍ୟକ । ଏଥିପାଇଁ କୃଷି କ୍ଷେତ୍ରରେ ଉଭୟ୍ ଚାହିଦା ଓ ଯୋଗାଣ ବ୍ୟବସ୍ଥା ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏହି ଅଭିବୃଦ୍ଧି ହାର ଦୃଷ୍ଟେ ଖାଦ୍ୟଶସ୍ୟ କ୍ଷେତ୍ରରେ ବର୍ଷକୁ 2 ପ୍ରତିଶତ ବୃଦ୍ଧି ଓ ଅଣ ଖାଦ୍ୟଶସ୍ୟ ଯଥା: ଉଦ୍ୟାନ କୃଷି, ପଶୁସମ୍ପଦ, ଦୁଗ୍ଧ, କୁକୁଡ଼ା ପାଳନ, ମାଛ ଚାଷ କ୍ଷେତ୍ରରେ ବାର୍ଷିକ 5 ରୁ 6 ପ୍ରତିଶତ ବୃଦ୍ଧି ଆବଶ୍ୟକ ପଡିବ । ଏହା ବ୍ୟତୀତ ଆମ ପାଇଁ ଖାଦ୍ୟଶସ୍ୟ ସହିତ ଫଳ, ପନିପରିବା, କ୍ଷୀର, ଅଣ୍ଡା, ମାଂସ ଓ ମାଛ ଇତ୍ୟାଦିର ବର୍ଦ୍ଧିତ ଚାହିଦାର ପରିପୂରଣ କରି ଦୀର୍ଘ ମିଆଦି ସୂତ୍ରରେ ଖାଦ୍ୟ ନିରାପତ୍ତା ହାସଲ କରିବା ମଧ୍ୟ ଏକ ବଡ଼ ଆହ୍ୱାନ । ଖାଦ୍ୟଶସ୍ୟ ଉତ୍ପାଦକତା ବୃଦ୍ଧି, ଜଳସେଚନର ସୁପରିଚାଳନା, ଜମିର ଉର୍ବରତାରେ ଉନ୍ନତି, ଉଚିତ୍ ମାନର ବିହନ ଯୋଗାଣ, କୀଟନାଶକ ଔଷଧ ପ୍ରୟୋଗର ପରିଚାଳନା ଏବଂ ଦୁଗ୍ଧ ଉତ୍ପାଦନ, ପଶୁପାଳନ ଓ ମତ୍ସ୍ୟଚାଷର ଆବଶ୍ୟକତା ରହିଛି ।

6. କୃଷିର ଗୁରୁତ୍ୱକୁ ଉପଲବ୍‌ଧ କରି ରାଜ୍ୟ ସରକାର 2013 ରେ ନୂତନ କୃଷିନୀତି ପ୍ରଣୟନ କରିଛନ୍ତି । ଏହି କୃଷିନୀତିର ମୂଳ ଲକ୍ଷ୍ୟ ହେଉଛି ଉତ୍ପାଦନ ଓ ଉତ୍ପାଦକତାର ନିରନ୍ତର ଅଭିବୃଦ୍ଧି ସଙ୍ଗେ ସଙ୍ଗେ କୃଷି ଅର୍ଥନୀତି ଏବଂ କୃଷକଙ୍କ ଆୟର ଅଭିବୃଦ୍ଧି । ଏଥିପାଇଁ କୃଷି କ୍ଷେତ୍ରରେ ଅଧିକ ପୁଞ୍ଜି ନିବେଶ, ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ, ଅମଳ ପରବର୍ତ୍ତି ସମସ୍ୟାର ସମାଧାନ, ଫଳପ୍ରଦ ମୂଲ୍ୟଯୁକ୍ତିର ବନ୍ଦୋବସ୍ତ ଏବଂ ଉଚିତ ମୂଲ୍ୟରେ ବିପଣନ ବ୍ୟବସ୍ଥାର ଆବଶ୍ୟକତା ରହିଛି । କୃଷି ଉତ୍ପାଦନ ଅଭିବୃଦ୍ଧି ପାଇଁ ଦରକାର ହେଉଥିବା କୃଷି ଉତ୍ପାଦନ ସାମଗ୍ରୀ ଯଥା: ଉନ୍ନତ କିସମର ଉପଯୁକ୍ତ ବିହନ, ସାର, ଅନ୍ୟାନ୍ୟ ସାମଗ୍ରୀ, ଜଳସେଚନର ଅଭିବୃଦ୍ଧି ଓ ସୁପରିଚାଳନା ଏବଂ କୃଷି ସଂପ୍ରସାରଣ ଉପରେ ଆମକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ ।

7. ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଅତିରିକ୍ତ 10 ଲକ୍ଷ ହେକ୍ଟର ଜମିରେ ଜଳସେଚନର ସୁବିଧା, କମ୍ ସୁଧରେ କୃଷିଋଣ ବ୍ୟବସ୍ଥା, ରିହାତି ଦରରେ ବିହନ, ସାର, କୀଟନାଶକ ଔଷଧ, ଅନ୍ୟାନ୍ୟ କୃଷି ସାମଗ୍ରୀର ଯୋଗାଣ, ଶସ୍ୟ ଗଚ୍ଛିତ ରଖିବାର ବ୍ୟବସ୍ଥା ଇତ୍ୟାଦି କରିବା ପାଇଁ ଗତ ସାଧାରଣ ନିର୍ବାଚନ ସମୟରେ ଆମେ ଜନସାଧାରଣଙ୍କୁ ପ୍ରତିଶୃତି ଦେଇଅଛୁ ।

8. କୃଷି କ୍ଷେତ୍ରରେ ଦେଖା ଯାଉଥିବା ବିଭିନ୍ନ ସମସ୍ୟା ଓ ଜନସାଧାରଣଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି କୃଷିନୀତିକୁ କାର୍ଯ୍ୟକ୍ଷମ କରିବା ପାଇଁ ଆମେ ପ୍ରତିଶୃତି ବଦ୍ଧ । ଅଧିକ ଉତ୍ପାଦନ ଓ ଉତ୍ପାଦକତା ସଙ୍ଗେ ସଙ୍ଗେ କୃଷକଙ୍କ ଆର୍ଥିକ ଅଭିବୃଦ୍ଧି ଉପରେ ଆମେ ଗୁରୁତ୍ୱ ଦେଉଅଛୁ । ଖାଦ୍ୟ ସାମଗ୍ରୀ ଉପରେ ମୁଦ୍ରାସ୍ଫିତୀର ପ୍ରଭାବ ଆମ ସମସ୍ତଙ୍କ ପାଇଁ ଉଦ୍‌ବେଗର କାରଣ । ଖାଉଟୀ ସାମଗ୍ରୀର ମୂଲ୍ୟ ଓ କୃଷକଙ୍କ ଆୟ ମଧ୍ୟରେ ଏକ ସମନ୍ୱୟ ସ୍ଥାପନ ଆମର ଲକ୍ଷ୍ୟ । କୃଷି ଓ ଆନୁସଙ୍ଗିକ କ୍ଷେତ୍ର ଯଥା: ଉଦ୍ୟାନ କୃଷି, ମତ୍ସ୍ୟଚାଷ, ପଶୁପାଳନ, ଜଳସେଚନ, ସମବାୟ ଋଣ ପ୍ରଦାନ

ଇତ୍ୟାଦିରେ ଅଭିବୃଦ୍ଧି ସହ କୃଷକଙ୍କ ସାମାଜିକ ତଥା ଅର୍ଥନୈତିକ ବିକାଶ ନିମନ୍ତେ ଏକ ସାମଗ୍ରୀକ କୃଷି ବଜେଟ୍ ପ୍ରସ୍ତୁତ କରିବା ପାଇଁ ଆମର ପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମୋତେ ନିର୍ଦ୍ଦେଶ ଦେଇଛନ୍ତି ।

**9.** ଏହି ଲକ୍ଷ୍ୟକୁ ଦୃଷ୍ଟିରେ ରଖି 2013-14 ଆର୍ଥିକ ବର୍ଷରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟୟବରାଦ 7161.84 କୋଟି ଟଙ୍କା ଥିବାବେଳେ 2014-15 ଆର୍ଥିକ ବର୍ଷରେ ଏହା 9542.22 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ଗତବର୍ଷର ବ୍ୟୟ ବରାଦ ତୁଳନାରେ 33 ପ୍ରତିଶତ ଅଧିକ ଅଟେ ।

## କୃଷି କ୍ଷେତ୍ରରେ ବ୍ୟୟ ବରାଦ

### 10. କୃଷି ବିଭାଗ

**10.1** ରାଜ୍ୟ ସରକାର 2014-15 ବର୍ଷ ରେ କୃଷି କ୍ଷେତ୍ରରେ ଅନେକ ଗୁଡିଏ ସଂସ୍କାର ଆଣିବାକୁ ଯାଉଛନ୍ତି ଯାହା ପୂର୍ବ ବର୍ଷରେ ଜଳସେଚନ, ଉନ୍ନତ ମାନର ବିହନ ଯୋଗାଣ ତଥା କୃଷି ବୀମା ଏବଂ ସମ୍ପ୍ରସାରଣ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପକୁ ଅଧିକ ମଜବୁତ କରିବ ଏବଂ ଚାଷୀମାନଙ୍କର ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିପାରିବ । ଏହାକୁ ଭିତ୍ତିକରି କୃଷି କ୍ଷେତ୍ରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ପାଇଁ ଅଧିକ ବ୍ୟୟ ବରାଦ କରିବାକୁ ସ୍ଥିରକରାଯାଇଛି ।

**10.2** ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ କୃଷି ବିଭାଗର ବ୍ୟୟ ବରାଦ 2013-14 ଆର୍ଥିକ ବର୍ଷରେ 1823.77 କୋଟି ଟଙ୍କା ଥିଲାବେଳେ 2014-15 ଆର୍ଥିକ ବର୍ଷ ପାଇଁ 2727.99 କୋଟି ଟଙ୍କାକୁ ବୃଦ୍ଧି କରାଯାଉଛି ଯାହା ପ୍ରାୟ 50 ପ୍ରତିଶତ ଅଧିକ ଅଟେ । ଅଣଯୋଜନା କାର୍ଯ୍ୟରେ

ବ୍ୟୟବରାଦ 2013-14 ଆର୍ଥିକ ବର୍ଷରେ 426.53 କୋଟି ଟଙ୍କା ଥିଲାବେଳେ 2014-15 ଆର୍ଥିକ ବର୍ଷ ପାଇଁ 493.07 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଯୋଜନା କ୍ଷେତ୍ରରେ ସାମଗ୍ରୀକ ବ୍ୟୟ ବରାଦ 2013-14 ଆର୍ଥିକ ବର୍ଷରେ 1397.24 କୋଟି ଟଙ୍କା ଥିଲା ତାହା 2014-15 ଆର୍ଥିକ ବର୍ଷପାଇଁ 2234.92 କୋଟି ଟଙ୍କାକୁ ବୃଦ୍ଧି କରାଯାଉଛି ଯାହାକି 60 ପ୍ରତିଶତ ଅଧିକ ଅଟେ । ଯୋଜନା କ୍ଷେତ୍ରରେ ଏହି ଅଧିକ ବ୍ୟୟ ବରାଦ ଆମ ସରକାରଙ୍କର କୃଷି ପ୍ରତି ପ୍ରତିବଦ୍ଧତାର ନିଦର୍ଶନ । ଅଣଯୋଜନା କ୍ଷେତ୍ରରେ ହେଉଥିବା 493.07 କୋଟି ଟଙ୍କାର ବ୍ୟୟବରାଦ ବିଭିନ୍ନ ଫସଲ ପାଇଁ କୃଷି ବିକାଶ କାର୍ଯ୍ୟକ୍ରମର ଯୋଜନା ପ୍ରଣୟନ, ତଦାରଖ ଓ ଗବେଷଣା ସଂସ୍ଥାଗୁଡିକର ରକ୍ଷଣାବେକ୍ଷଣ, କୃଷି ସଂପ୍ରସାରଣ ସେବା, ପରୀକ୍ଷାମୂଳକ ପ୍ରଦର୍ଶନ କ୍ଷେତ୍ର ଓ ଫାର୍ମ ପରିଚାଳନା, ଭୂମି ଓ ଜଳ ସଂରକ୍ଷଣ ସମେତ ଜଳ ବିଭାଜିକା ପ୍ରକଳ୍ପର ବିକାଶ, ଉଦ୍ୟାନ କୃଷି ଓ ଫୁଲ ଚାଷର ଉନ୍ନତି, ବିହନ ପ୍ରମାଣୀକରଣ ଇତ୍ୟାଦି ନିମିତ୍ତ ଗଢାଯାଇଥିବା ବିଭିନ୍ନ କ୍ଷେତ୍ରୀୟ ଅନୁଷ୍ଠାନରେ ନିୟୋଜିତ ମାନବସମ୍ବଳ ସମ୍ବନ୍ଧୀୟ ଖର୍ଚ୍ଚ ଓ ଅନ୍ୟାନ୍ୟ ଆନୁସଙ୍ଗୀକ ପରିଚାଳନାଗତ ଖର୍ଚ୍ଚପାଇଁ ଉଦ୍ଦିଷ୍ଟ ।

**10.3** ଯୋଜନା ଅନ୍ତର୍ଗତ 2234.92 କୋଟି ଟଙ୍କାର ବ୍ୟୟବରାଦ ବିଭିନ୍ନ ଉପକ୍ଷେତ୍ର ଯଥା:- ଫସଲ ଉତ୍ପାଦନ, ଉଦ୍ୟାନକୃଷି, ଭୂମି ଓ ଜଳ ସଂରକ୍ଷଣ, କୃଷି ଗବେଷଣା ଓ ଶିକ୍ଷା ଏବଂ ଅନ୍ୟାନ୍ୟ କୃଷିଭିତ୍ତିକ ନିମ୍ନଲିଖିତ କାର୍ଯ୍ୟକ୍ରମ ଗୁଡିକର ରୂପାୟନ ପାଇଁ ଉଦ୍ଦିଷ୍ଟ ।

| 10.4 | **ଜଳକ୍ଲିଷ୍ଟ ଅଞ୍ଚଳରେ ଭୂତଳ ଜଳର ପୋଷଣୀୟ ଉପଯୋଗ** | : | **520 କୋଟି ଟଙ୍କା** |
|---|---|---|---|

ଜଳକ୍ଲିଷ୍ଟ ଅଞ୍ଚଳରେ ଭୂତଳ ଜଳର ପୋଷଣୀୟ ଉପଯୋଗ ନିମିତ୍ତ ଏହି କାର୍ଯ୍ୟକ୍ରମ ରାଜ୍ୟର 26 ଗୋଟି ଜିଲ୍ଲାରେ 2010-11 ରୁ ଚାଲୁଅଛି । ଏହି

କାର୍ଯ୍ୟକ୍ରମରେ ଚାଷୀର ଜମିରେ କ୍ଲଷ୍ଟର ହିସାବରେ ଗଭୀର ନଳକୂପ ଖନନ କରାଯାଉଛି । ଏହି ଯୋଜନାରେ ନଳକୂପ ଖନନ, ବିଦ୍ୟୁତ୍ ସଂଯୋଗୀକରଣ ତଥା ଏଥିପାଇଁ ସ୍ୱତନ୍ତ୍ର ଟ୍ରାସଫର୍ମରର ବ୍ୟବସ୍ଥା ଏବଂ ପମ୍ପ ସେଟର ସ୍ଥାପନ କରାଯାଇ ଚାଷୀକୁ ହସ୍ତାନ୍ତର କରାଯାଉଛି । ଏହି ନଳକୂପର ସଦୁପଯୋଗ, ରକ୍ଷଣା ବେକ୍ଷଣ ପାଇଁ ହୀତାଧିକାରୀଙ୍କୁ ସମ୍ପୂର୍ଣ୍ଣ ଅଧିକାର ଦିଆଯାଇଛି । ଏତଦ୍ ବ୍ୟତୀତ ଜାତୀୟ ଅଣୁଜଳ ସେଚନ ମିଶନରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ମାଧ୍ୟମରେ ଚାଷୀମାନଙ୍କୁ ସିଞ୍ଚନ ପ୍ରଣାଳୀରେ ଜଳସେଚନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି ।  ହିତାଧୀକାରୀ ପ୍ରକଳ୍ପ ମୂଲ୍ୟର 10 ପ୍ରତିଶତ ବହନ କରିଥାଏ  ଯାହାକି ସର୍ବାଧିକ 20 ହଜାର ଟଙ୍କା ପର୍ଯ୍ୟନ୍ତ ଉପଲବ୍ଧ । ବି.ପି.ଏଲ୍ ଶ୍ରେଣୀ ଅନ୍ତର୍ଭୁକ୍ତ ଅନୁସୂଚିତ ଜାତି ଓ ଜନଜାତିର ହିତାଧୀକାରୀମାନଙ୍କ ଲାଗି ଦେୟ ମାତ୍ର 10 ହଜାର ଟଙ୍କା ସ୍ଥିର କରାଯାଇଛି । ପ୍ରତ୍ୟେକ ନଳକୂପ ପ୍ରକଳ୍ପ ର ମୂଲ୍ୟ 3 ଲକ୍ଷ ଟଙ୍କାରୁ ଉର୍ଦ୍ଧ ନିର୍ଦ୍ଧାରଣ କରାଯାଇଛି । ଖରିଫ ଋତୁରେ ପ୍ରତ୍ୟେକ ନଳକୂପ ଦ୍ୱାରା ଆନୁମାନିକ ଭାବେ 5 ହେକ୍ଟର ଜମି ଏବଂ ରବି ଋତୁରେ 2 ହେକ୍ଟର ଜମିରେ ଜଳସେଚନ କରାଯାଇ ପାରିବ । 2013-14 ଆର୍ଥିକ ବର୍ଷରେ ଏଥିପାଇଁ 165 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବାବେଳେ 2014-15 ଆର୍ଥିକ ବର୍ଷରେ ତାହାକୁ 520 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

| 10.5 | **ଜଳନିଧି (RIDF)** | : | **160 କୋଟି ଟଙ୍କା** |
|---|---|---|---|

ଖରିଫ ଋତୁରେ ରାଜ୍ୟର 34 ପ୍ରତିଶତ ଚାଷୋପଯୋଗୀ  ଜମିରେ ଜଳସେଚନର ସୁବିଧା ରହିଛି । ଏହାକୁ ଆଖି ଆଗରେ ରଖି,  ଜଳନିଧି ଯୋଜନାରେ ରାଜ୍ୟସରକାର ନାବାର୍ଡରୁ ଋଣ ଆଣି  କୃଷକ ମାନଙ୍କର ଜମିରେ ଅଗଭୀର ଓ ଗଭୀର କୂପ ଓ ନଳକୂପ ଖନନ ତଥା ନଦୀ ଓ ଭୂପୃଷ୍ଠ ଜଳ ଦ୍ୱାରା ଉଠାଜଳସେଚନ ସବସିଡି ପ୍ରଦାନ କରନ୍ତି  । ଏହି ଯୋଜନାରେ ପ୍ରକଳ୍ପ ମୂଲ୍ୟର 50 ପ୍ରତିଶତ ପର୍ଯ୍ୟନ୍ତ ସବସିଡି ବ୍ୟବସ୍ଥା ଅଛି , ଯାହା ନଳକୂପ,

ଗଭୀର ନଳକୂପ ତଥା ନଦୀ ଓ ଭୂପୃଷ୍ଠ ଜଳ ଦ୍ୱାରା ଉଠାଜଳସେଚନ ପାଇଁ ଯଥାକ୍ରମେ 20 ହଜାର, 50 ହଜାର ଏବଂ 40 ହଜାର ମଧ୍ୟରେ ସୀମିତ । ଏହି ଯୋଜନାକୁ ଦୁଇ ଭାଗରେ ବିଭକ୍ତ କରାଯାଇ ଜଳନିଧି - 1 ( ବ୍ୟକ୍ତିଗତ ପ୍ରକଳ୍ପ) ଓ ଜଳନିଧି - 2 ( କ୍ଲଷ୍ଟର ନଳକୂପ ପ୍ରକଳ୍ପ ଓ ନଦୀରେ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ) ନାମରେ କାର୍ଯ୍ୟକାରୀ ହେଉଛି । 2014-15 ଆର୍ଥିକ ବର୍ଷରେ, ଜଳନିଧି - 1 ଯୋଜନାରେ 12,200 ପ୍ରକଳ୍ପ ଏବଂ ଜଳନିଧି - 2 ରେ 3180 ପ୍ରକଳ୍ପ ହାତକୁ ନେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

2014-15 ଆର୍ଥିକ ବର୍ଷରେ ଏଥିପାଇଁ 160.00 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

| | | | |
|---|---|---|---|
| 10.6 | **ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (RKVY)** | : | **550 କୋଟି ଟଙ୍କା** |

ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ରାଜ୍ୟରେ 2007-08 ଆର୍ଥିକ ବର୍ଷରୁ ଅତିରିକ୍ତ କେନ୍ଦ୍ରୀୟ ସହାୟତା ଭିତ୍ତିରେ କୃଷି ଏବଂ ଆନୁସଂଗିକ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧିପାଇଁ କାର୍ଯ୍ୟକାରୀ ହେଉଛି । ଏହା ଏକ ବହୁମୁଖୀ ଯୋଜନା, ଯାହା ଅଧିନରେ ପଶୁପାଳନ, କୁକୁଡା ପାଳନ, ମତ୍ସ୍ୟପାଳନ, କୃଷି ଶିକ୍ଷା ଓ ଗବେଷଣା, କ୍ଷୁଦ୍ର/ଉଠା ଜଳସେଚନ, ସେଚାଞ୍ଚଳ ଉନ୍ନୟନ ଓ ଜଳଛାୟା ମିଶନ ଇତ୍ୟାଦି କାର୍ଯ୍ୟକାରୀ କରାଯାଉଛି । ସ୍ୱତନ୍ତ୍ର ଯୋଜନା (ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାର ଉପ-ଯୋଜନା) ଯଥା ଦେଶର ପୂର୍ବାଞ୍ଚଳରେ ସବୁଜ ବିପ୍ଲବ ଆଣିବା, Vegetable Initiative in Urban Cluster (VIUC) ଏବଂ National Mission for Protein Supplement (NMPS) ଆଦି ମଧ୍ୟ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି । ଏହା ଫଳରେ କୃଷି, ପଶୁପାଳନ, କୁକୁଡା ପାଳନ ଓ ମତ୍ସ୍ୟପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ଏହି ଯୋଜନାରେ କୃଷି କ୍ଷେତ୍ରରେ ବହୁତ ଗୁଡିଏ ଭିତ୍ତିଭୂମି ଏବଂ ସମ୍ପତ୍ତି ସୃଷ୍ଟି

କରାଯାଇଛି । 2014-15 ଆର୍ଥିକ ବର୍ଷରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ବ୍ୟୟବରାଦ 550.00 କୋଟି ଟଙ୍କା କରାଯାଇଛି ।

| | | | |
|---|---|---|---|
| **10.7** | **କୃଷି ସଂରଞ୍ଜାମ, ଯନ୍ତ୍ରପାତି ଓ ଡିଜେଲ ପମ୍ପ ସେଟ୍‌ର ବହୁଳ ବ୍ୟବହାର** | : | **150 କୋଟି ଟଙ୍କା** |

କୃଷିର ଯାନ୍ତ୍ରିକକରଣ ଅନେକ ଉପାୟରେ କୃଷି କ୍ଷେତ୍ରରେ ଉତ୍ପାଦିକତା ବୃଦ୍ଧି କରିବାରେ ସହାୟକ ହୋଇଥାଏ, ଯଥା ଠିକ୍ ସମୟରେ କୃଷି କାର୍ଯ୍ୟ ଓ ଶ୍ରମ ସଞ୍ଚୟରେ ସାହାଯ୍ୟ କରିବା ସହିତ ଶସ୍ୟ ଉତ୍ପାଦନର ଖର୍ଚ୍ଚ କମାଇ ଥାଏ ଏବଂ ଶସ୍ୟ ଉତ୍ପାଦନ ସହିତ କୃଷକର ଆୟ ବୃଦ୍ଧି କରିଥାଏ । ଅତ୍ୟଧିକ ବର୍ଷା, ବାତ୍ୟା ଏବଂ ବନ୍ୟା ସମୟରେ ଯନ୍ତ୍ର ମାଧ୍ୟମରେ ଅମଳ ଯୋଗ୍ୟ ଶସ୍ୟକୁ ସୁରକ୍ଷିତ କରାଯାଇପାରେ । ହସ୍ତ ଚାଳିତ ଓ ଗୋ ଚାଳିତ ଯନ୍ତ୍ରପାତି ସମେତ, ଟ୍ରାକ୍ଟର, ପାୱାର ଟିଲର, ରିପର, ଟ୍ରାନ୍ସପ୍ଲାଣ୍ଟରସ, ରୋଟାଭେଟରସ୍, କମ୍ବାଇନ୍ଡ ହାରଭେଷ୍ଟରସ, ପମ୍ପସେଟ୍ ଓ ଶକ୍ତି ଚାଳିତ ଯନ୍ତ୍ରପାତିର ବହୁଳ ବ୍ୟବହାରକୁ ଉତ୍ସାହିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଏହା ବିଭିନ୍ନ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଓ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ 2013-14 ଆର୍ଥିକ ବର୍ଷରେ 100.00 କୋଟି ଟଙ୍କା ବ୍ୟୟବରାଦ ଥିଲା ବେଳେ 2014-15 ରେ 150.00 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

| | | | |
|---|---|---|---|
| **10.8** | **ବିହନ, ସାର, ଜୈବସାର ଇତ୍ୟାଦି ଉପରେ ଆର୍ଥିକ ସହାୟତା** | : | **60.91 କୋଟି ଟଙ୍କା** |

ଅଧିକ କୃଷି ସାମଗ୍ରୀ (Input) ଉପଯୋଗ ମାଧ୍ୟମରେ କୃଷି ଉତ୍ପାଦନରେ ଅଭିବୃଦ୍ଧି ନିର୍ଭର କରେ । ଅନ୍ୟ ଉତ୍ପାଦନ ସ୍ଥିର ରଖି ବିହନର ଗୁଣବତା ଉପରେ ପ୍ରାୟତଃ 20 ପ୍ରତିଶତ ଉତ୍ପାଦନ ଅଧିକ ହୋଇପାରିବ ।

ରାଜ୍ୟ କୃଷିନୀତି 2013ରେ ବିହନ ପ୍ରତିବଦଳ ଅନୁପାତକୁ self pollinated crops ରେ 33 ପ୍ରତିଶତ, cross pollinated crops ରେ 50 ପ୍ରତିଶତ ଏବଂ ଶଙ୍କର ଜାତୀୟ ବିହନରେ 100 ପ୍ରତିଶତ ପ୍ରାପ୍ତ ହେବା ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଆମେ ନିର୍ବାଚନ ଇସ୍ତାହାରରେ ବିହନ ପ୍ରତିବଦଳ ଅନୁପାତକୁ 34 ପ୍ରତିଶତକୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଛୁ । କୃଷି ସାମଗ୍ରୀର ମୂଲ୍ୟ ବୃଦ୍ଧି ଏବଂ କୃଷକର ସ୍ୱଳ୍ପ ଆୟ ପରିପ୍ରେକ୍ଷୀରେ ଆମେ ରିହାତି ଦରରେ ବିହନ, କୀଟନାଶକ ଔଷଧ, ଜୈବିକ ସାର ଇତ୍ୟାଦି କୃଷକମାନଙ୍କୁ ଯୋଗାଇ ଦିଆଯାଉଛି । 2013-14 ଆର୍ଥିକ ବର୍ଷରେ ଚାଷିମାନଙ୍କୁ ରିହାତି ଦରରେ ଉଚ୍ଚମାନର ବିହନ, ଜୈବିକ କୀଟନାଶକ ଔଷଧ, କୀଟନାଶକ ଔଷଧ, ଜୈବିକ ସାର ଇଦ୍ୟାତି ଯୋଗାଇ ଦେବା ପାଇଁ 42.00 କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ 2014-15 ଆର୍ଥିକ ବର୍ଷରେ ଏହାକୁ 60 କୋଟି ୨1 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

## 10.9 SRI ପ୍ରଣାଳୀ ପାଇଁ ପ୍ରୋତ୍ସାହନ : 10.52 କୋଟି ଟଙ୍କା

ଶ୍ରୀ ପ୍ରଣାଳୀ ମାଧ୍ୟମରେ ଜଳର ସଂରକ୍ଷଣ, ବିହନ ଓ ରାସାୟନିକ ସାରର ପ୍ରୟୋଗ କମାଯାଇପାରିବା ସହ ଅଧିକ ଶସ୍ୟ ଅମଳର ସୁଯୋଗ ରହିଛି । ଏହି ପ୍ରଣାଳୀରେ ଧାନଚାଷ ଦ୍ୱାରା ଉତ୍ପାଦନକ୍ଷେତ୍ରରେ ବିଗତ କିଛି ବର୍ଷରେ ରାଜ୍ୟରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି । 2014-15 ଆର୍ଥିକ ବର୍ଷରେ ଶ୍ରୀ ପ୍ରଣାଳୀରେ ଧାନଚାଷକୁ ଅଧିକ ଲୋକପ୍ରିୟ କରିବା ପାଇଁ ବହୁଳ ଭାବରେ ଚାଷୀମାନଙ୍କ କ୍ଷେତ୍ରରେ ଏହାକୁ ପ୍ରଦର୍ଶନ କରାଯିବ। ଏଥିପାଇଁ 2013-14 ଆର୍ଥିକ ବର୍ଷରେ 5 କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ 2014-15 ଆର୍ଥିକ ବର୍ଷରେ ଏହାକୁ 10 କୋଟି 52 ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ପ୍ରସ୍ତାବ ରଖାଯାଇଛି ।

## 10.10 ଆଳୁ ଓ ମସଲା ସାମଗ୍ରୀ ଉତ୍ପାଦନ ନିମିତ୍ତ : 10 କୋଟି ଟଙ୍କା

ଆମ ରାଜ୍ୟ ଆଳୁ ଓ ପିଆଜ ଉତ୍ପାଦନ କ୍ଷେତ୍ରରେ ପଛୁଆ ଅଟେ । ରାଜ୍ୟକୁ ଆଳୁ ଓ ପିଆଜ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଉନ୍ନତ ଉତ୍ପାଦନ ପ୍ରଣାଳୀ ଏବଂ ତାହାର ପରିସର ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଦୀର୍ଘମିଆଦୀ ଯୋଜନା ଗ୍ରହଣ କରିଛନ୍ତି । ଉତ୍ପାଦନ ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଚାଷୀମାନଙ୍କୁ ରିହାତି ଦରରେ ଆଳୁର ମଞ୍ଜି ଯୋଗାଣ ନିମିତ୍ତ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ଯୋଜନା ବାବଦକୁ ସରକାର 2014-15 ଆର୍ଥିକ ବର୍ଷରେ 10 କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ।

## 10.11 ଉଦ୍ୟାନ କୃଷି ମିଶନ ପ୍ଲସ : 23.47 କୋଟି ଟଙ୍କା

ଶସ୍ୟ ଭିତ୍ତିକ କୃଷିରୁ ଉଦ୍ୟାନ ଭିତ୍ତିକ କୃଷିରେ ଅପେକ୍ଷାକୃତ ଅଧିକ ଅମଳ ହୋଇଥାଏ । ଏଥିପାଇଁ ଅଧିକରୁ ଅଧିକ ଚାଷୀ ଫଳଚାଷ ଏବଂ ଉନ୍ନତ କିସମର ପରିବା ଚାଷ ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । ଉତ୍ପାଦନ ପରବର୍ତ୍ତୀ ପରିଚାଳନା ଏବଂ ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ ଅଭାବ ଯୋଗୁଁ ରାଜ୍ୟରେ ବର୍ଷକୁ ହାରାହାରି 30 ରୁ 40 ପ୍ରତିଶତ ଫଳ ଓ ପନିପରିବା ନଷ୍ଟ ହୋଇଥାଏ । ଉତ୍ପାଦନ ପରବର୍ତ୍ତୀ କ୍ଷୟକ୍ଷତିକୁ ରୋକିବା ପାଇଁ ଏବଂ ଚାଷୀମାନଙ୍କୁ ଉପଯୁକ୍ତ ମୂଲ୍ୟ ପ୍ରଦାନ ନିମନ୍ତେ ଅମଳ ପରବର୍ତ୍ତୀ ପରିଚାଳନା ଭିତ୍ତିଭୂମିର ଉନ୍ନୟନ କରାଯାଉଛି ।

ଉଦ୍ୟାନ କୃଷିଜାତ ଦ୍ରବ୍ୟଗୁଡିକର ପଚନଶୀଳ ଗୁଣକୁ ଦୃଷ୍ଟିରେ ରଖି ଉତ୍ପାଦନ ପରବର୍ତ୍ତୀ ପରିଚାଳନା ନିମନ୍ତେ ଶୀତଳ ଭଣ୍ଡାରର ସୁବିଧା ପ୍ରଦାନ କରିବା ନିମନ୍ତେ ପଦକ୍ଷେପ ନିଆଯାଉଛି । ଏଥିପାଇଁ ଅନେକ ଗୁଡିଏ ବଡବଡ ଶୀତଳ ଭଣ୍ଡାର ଓ ପ୍ରାକ ଶିତଳୀକରଣ ୟୁନିଟ୍ ପ୍ରତିଷ୍ଠା ଏବଂ ଶୀତତାପ

ନିୟନ୍ତ୍ରୀତ ଯାନର ବ୍ୟବହାର ଉପରେ ସରକାର ଗୁରୁତ୍ୱ ଆରୋପ କରୁଛନ୍ତି । 5 ହଜାର ମେଟ୍ରିକ୍ ଟନ୍ ଓ ତଦୁର୍ଦ୍ଧ କ୍ଷମତା ବିଶିଷ୍ଟ 10 ଗୋଟି ବଡ ଶୀତଳ ଭଣ୍ଡାରର ପ୍ରତିଷ୍ଠା ନିମିତ୍ତ ସହାୟତା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ସୁରକ୍ଷିତ ପରିବେଶରେ ବର୍ଷସାରା ବିଭିନ୍ନ ପନିପରିବା, ଫୁଲ ଏବଂ ସ୍ୱଳ୍ପ ମିଆଦି ଫଳ ଯଥା କଦଳୀ ଏବଂ ଅମୃତଭଣ୍ଡା ଉତ୍ପାଦନ ପାଇଁ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି । ଲାଥ ହାଉସ୍, ପଲି ହାଉସ୍, ଗ୍ରୀନ ହାଉସ୍ ତଥା ଜାଲି ଘରର ସୁରକ୍ଷିତ ନିର୍ମାଣ ମଧ୍ୟରେ ଉତ୍ପାଦିତ ପନିପରିବା, ଫୁଲ ଏବଂ ଫଳ ଯେହେତୁ ଉତ୍ତମ ଓ ଏକକ ମାନର ହୋଇଥିବାରୁ ଏହାର ବଜାର ମୂଲ୍ୟ ଅଧିକ ହୋଇଥାଏ ।

ଉଦ୍ୟାନ କୃଷିଜାତ ଦ୍ରବ୍ୟଗୁଡିକ ସହିତ ବଜାରର ଅଗ୍ରୀମ ସଂଯୋଗୀକରଣ ନିମନ୍ତେ, ବଜାରର ଭିତ୍ତିଭୂମି ଏକ ପ୍ରମୁଖ ଭୂମିକା ଗ୍ରହଣକରିଥାଏ । ଏହି ଯୋଜନାରେ ପୂର୍ବରୁଥିବା ମାର୍କେଟ୍ ୟାର୍ଡ ଗୁଡିକୁ ବିକଶିତ କରି ଏଥିରେ Sorting, Grading ଏବଂ Packaging ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି । ବଜାର ସହ ସଂଯୋଗୀକରଣ ମାଧ୍ୟମରେ କୃଷକମାନେ ସେମାନଙ୍କର ଉତ୍ପାଦନର ସଠିକ ମୂଲ୍ୟ ପାଇପାରିବେ । ଏହାକୁ ଲକ୍ଷ୍ୟ କରି ଉଦ୍ୟାନ କୃଷି ମିଶନ ପ୍ଲସ କାର୍ଯ୍ୟକ୍ରମରେ 2014-15 ଆର୍ଥିକ ବର୍ଷରେ 23 କୋଟି 47 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

| 10.12 | **ଅଣୁ ଜଳସେଚନ** | : | **24.71 କୋଟି ଟଙ୍କା** |
|---|---|---|---|

ଅଣୁ ଜଳସେଚନ ମାଧ୍ୟମରେ ଅଧିକ ଅଞ୍ଚଳକୁ ଜଳ ସେଚିତ କରିହେବ ଏବଂ ଏହା ମଧ୍ୟ ଜଳ ବ୍ୟବହାର କ୍ଷେତ୍ରରେ ଏକ ସୁଦକ୍ଷ ପ୍ରଣାଳୀ । ବର୍ଷା ଜଳ ଉପରେ ନିର୍ଭରଶୀଳ ସ୍ଥାନ ମାନଙ୍କରେ, ଏହି ପ୍ରଣାଳୀ ଉଦ୍ୟାନ କୃଷି ପାଇଁ ବିଶେଷ ଉପଯୋଗୀ ଅଟେ। ଫଳ ଚାଷ, ପରିବା ଚାଷ,

ଔଷଧୀୟ ଗୁଳ୍ମ ଚାଷରେ ବୁନ୍ଦା ଜଳସେଚନକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ 65 ପ୍ରତିଶତରୁ 90 ପ୍ରତିଶତ ହାରରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ଏଥିପାଇଁ 2014-15 ଆର୍ଥିକ ବର୍ଷରେ ରାଜ୍ୟ ଅଂଶଧନ ବାବଦକୁ 24 କୋଟି 71 ଲକ୍ଷ ଟଙ୍କା ବ୍ୟୟବରାଦ କରିବାକୁ ପ୍ରସ୍ତାବ ରଖାଯାଇଛି ।

| | | | |
|---|---|---|---|
| **10.13** | **ସମନ୍ୱିତ ଜଳ ବିଭାଜିକା ପରିଚାଳନା କାର୍ଯ୍ୟକ୍ରମ (IWMP) ଅନ୍ୟାନ୍ୟ ପରିଚାଳନା କାର୍ଯ୍ୟପାଇଁ ବ୍ୟୟ** | : | **12.52 କୋଟି ଟଙ୍କା** |

IWMP ରେ ଅଭିପ୍ରେତ ଫଳାଫଳ ପାଇଁ ଏକ ଫଳପ୍ରଦ ଆନୁଷ୍ଠାନିକ ବ୍ୟବସ୍ଥା ଆବଶ୍ୟକ । କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତି, ପର୍ଯ୍ୟବେକ୍ଷଣ ଏବଂ କାର୍ଯ୍ୟକାରିତାରେ ସମନ୍ୱୟ ରକ୍ଷା ପାଇଁ ଓଡ଼ିଶା ଜଳ ବିଭାଜିକା ବିକାଶ ମିଶନକୁ ରାଜ୍ୟ ସ୍ତରୀୟ ମୁଖ୍ୟ କାର୍ଯ୍ୟକାରୀ ସଂସ୍ଥା ଭାବରେ ମନୋନୀତ କରାଯାଇଛି । IWMPର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ପାଇଁ ଏବଂ ଅର୍ଥ ବିନିଯୋଗର ପରିମାଣ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାସ୍ତରରେ ବୈଷୟିକ ବିଶେଷଜ୍ଞଙ୍କୁ ଅବସ୍ଥାପିତ କରାଯାଇଛି ଏବଂ କ୍ଲଷ୍ଟରସ୍ତରରେ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଗୁଡ଼ିକ ସ୍ଥାପନ କରାଯାଇଛି । ଏହା ଅଣୁଜଳ ବିଭାଜିକା ସ୍ତରରେ ଜଳ ବିଭାଜିକା କମିଟି ଗୁଡ଼ିକୁ ବୈଷୟିକ ଜ୍ଞାନ ସମ୍ପର୍କିତ ସେବା ଯୋଗାଇଦେବା ସହ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସହାୟତା ପ୍ରଦାନ କରିବ । 2014-15 ଆର୍ଥିକ ବର୍ଷରେ IWMP କାର୍ଯ୍ୟକ୍ରମରେ 12 କୋଟି 52 ଲକ୍ଷ ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି ।

| 10.14 | ବିଜୁ କୃଷକ କଲ୍ୟାଣ ଯୋଜନା (BKKY) | : | 90 କୋଟି ଟଙ୍କା |
|---|---|---|---|

କୃଷି, ରାଜ୍ୟର ସମୁଦାୟ ଶ୍ରମଶକ୍ତିର 60 ପ୍ରତିଶତ ଲୋକମାନଙ୍କୁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ନିଯୁକ୍ତି ପ୍ରଦାନ କରିଥାଏ । ରାଜ୍ୟ ସରକାର 2013-14 ଆର୍ଥିକ ବର୍ଷରେ ଚାଷୀମାନଙ୍କ ନିମିତ୍ତ ବିଜୁ କୃଷକ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟ ବୀମାର ପ୍ରଚଳନ କରିଥିଲେ । ଏହି ଯୋଜନାରେ ପ୍ରତ୍ୟେକ ପରିବାରର 5 ଜଣ ସଦସ୍ୟମାନଙ୍କ ନିମିତ୍ତ ସର୍ବାଧିକ ବାର୍ଷିକ 1 ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଚଳନ କରାଯାଇଛି । 2013-14 ଆର୍ଥିକ ବର୍ଷରେ ଏହି ଯୋଜନାରେ 52 ଲକ୍ଷ ଚାଷୀ ପରିବାରଙ୍କୁ ସ୍ୱାସ୍ଥ୍ୟ ବୀମାର ସୁବିଧା ପ୍ରଦାନ କରାଯାଇଥିଲା । 2014 -15 ବର୍ଷରେ 60 ଲକ୍ଷ ଚାଷୀ ପରିବାରଙ୍କୁ ସ୍ୱାସ୍ଥ୍ୟ ବୀମାର ସୁବିଧା ପ୍ରଦାନ କରିବା ପାଇଁ ଏହି ବଜେଟ୍ ରେ 90 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

| 10.15 | କୃଷି ନୀତି ଅଧିନରେ ଆର୍ଥିକ ପ୍ରୋତ୍ସାହନ ନିମିତ୍ତ ରିହାତି | : | 20 କୋଟି ଟଙ୍କା |
|---|---|---|---|

କୃଷି କ୍ଷେତ୍ରକୁ ବେକାର ଯୁବ ବର୍ଗଙ୍କୁ ଆକର୍ଷିତ କରିବା ପାଇଁ ତଥା କୃଷିକୁ ଲାଭପ୍ରଦ କ୍ଷେତ୍ରଭାବେ ପ୍ରତିପାଦିତ କରିବାପାଇଁ, ବାଣିଜ୍ୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠା କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା ରହିଛି । 2014-15 ଏବଂ 2015-16 ଆର୍ଥିକ ବର୍ଷ ପାଇଁ, ରାଜ୍ୟରେ ଅଧିକ ଅଣ୍ଡା ଉତ୍ପାଦନ ନିମନ୍ତେ ସରକାର ଅଣ୍ଡାଦିଆ କୁକୁଡା ଚାଷ ପାଇଁ ରିହାତି ପାଇବାର ସର୍ବାଧିକ ପୁଞ୍ଜି ନିବେଶ ପରିମାଣକୁ 50 ଲକ୍ଷ ଟଙ୍କାରୁ 75 ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି । 2014-15 ଆର୍ଥିକ ବର୍ଷରେ ଏଥିପାଇଁ 20 କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି ।

## 10.16 ସଘନ କୃଷି ସଂପ୍ରସାରଣ ଅଭିଯାନ 4.05 କୋଟି ଟଙ୍କା

ସଂପ୍ରସାରଣ କୃଷି କ୍ଷେତ୍ରରେ ଜ୍ଞାନ କୌଶଳ ହସ୍ତାନ୍ତର ପ୍ରକିୟା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ବିଜ୍ଞାନଗାର ଓ କୃଷିକ୍ଷେତ୍ର ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟକରେ । ଯାହାକି କୃଷି ଉତ୍ପାଦିକତା ଓ ଲାଭ ଅଭିବୃଦ୍ଧି ରେ ସହାୟକ ହୋଇଥାଏ । କୃଷକମାନଙ୍କର ଆୟର ଅଭିବୃଦ୍ଧି ନିମନ୍ତେ ପାରମ୍ପରିକ ଚାଷ ପଦ୍ଧତିରେ ପରିବର୍ତ୍ତନ, ନୂତନ ଜ୍ଞାନକୌଶଳର ପ୍ରୟୋଗ, ବଜାର ଭିତ୍ତିକ ସୂଚନା ଇତ୍ୟାଦିରେ ଆବଶ୍ୟକ ପରିବର୍ତ୍ତନ ଆଣିବାରେ ଜ୍ଞାନକୌଶଳ ହସ୍ତାନ୍ତର ନିହାତି ଆବଶ୍ୟକ । ରାଜ୍ୟର 30ଟି ଜିଲ୍ଲାରେ କୃଷି ବୈଷୟିକ ପରିଚାଳନା ସଂସ୍ଥା (ATMA) ଚାଷୀମାନଙ୍କ ପାଇଁ ଜ୍ଞାନ ବିତରଣ କେନ୍ଦ୍ର ରୂପେ କାର୍ଯ୍ୟ କରୁଅଛି । ATMA ବ୍ୟତୀତ କୃଷି ବିଜ୍ଞାନ କେନ୍ଦ୍ର, କୃଷି ସ୍ନାତକ, ବେସରକାରୀ ସଂସ୍ଥା, ସମବାୟ ସଂସ୍ଥା, ପଞ୍ଚାୟତରାଜ ଅନୁଷ୍ଠାନ, କୃଷି କ୍ଲିନିକ ଗୁଡ଼ିକୁ O.U.A.T., C.R.R.I., C.I.F.A ଇତ୍ୟାଦି ସଂସ୍ଥାଦ୍ୱାରା ବିକଶିତ ଜ୍ଞାନକୌଶଳକୁ ହସ୍ତାନ୍ତର କରିବାପାଇଁ ପ୍ରେରଣା ଦେଇଥାନ୍ତି । କୃଷି ଉଦ୍ୟୋଗୀ ମାନଙ୍କୁ କୃଷି ସୂଚନା କେନ୍ଦ୍ର ଖୋଲିବା ପାଇଁ ଉତ୍ସାହିତ କରାଯାଉଛି । ଏଥିପାଇଁ 2014-15 ବଜେଟ୍ ରେ 4 କୋଟି 5 ଲକ୍ଷ ଟଙ୍କାର ବ୍ୟୟ ବରାଦର ବ୍ୟବସ୍ଥା କରାଯାଇଛି ।

## 10.17 ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନରେ କୃଷି ପଲିଟେକ୍ନିକ୍ ପ୍ରତିଷ୍ଠା 6 କୋଟି ଟଙ୍କା

ରାଜ୍ୟର 10ଟି କୃଷି ଜଳବାୟୁ ମଣ୍ଡଳ, ଆଞ୍ଚଳିକ ଆବଶ୍ୟକତା ଏବଂ ବୈଷୟିକ ମାନବ ସମ୍ବଳ ସୃଷ୍ଟିକୁ ଦୃଷ୍ଟିରେ ରଖି କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର ଯଥା: ଉଦ୍ୟାନ କୃଷି, ପଶୁ ପାଳନ ବିଜ୍ଞାନ, ମତ୍ସ୍ୟ ବିଜ୍ଞାନରେ ସହାୟତା ବୈଷୟିକ ଶିକ୍ଷା ଦେବା ପାଇଁ ଗଞ୍ଜାମ, ଢ଼େଙ୍କାନାଳ, ଭଦ୍ରକ, ଦେବଗଡ଼, ବୌଦ୍ଧ, ସୁନ୍ଦରଗଡ଼, ବଲାଙ୍ଗିର, କେନ୍ଦୁଝର, ସମ୍ବଲପୁର ଏବଂ କୋରାପୁଟ

ଜିଲ୍ଲାରେ  ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନରେ 10ଟି କୃଷି ପଲିଟେକ୍‌ନିକ୍ ପ୍ରତିଷ୍ଠା  କରାଯାଇଛି । ଏଥିପାଇଁ 2014-15 ଆର୍ଥିକ ବର୍ଷରେ 6 କୋଟି ଟଙ୍କା ବ୍ୟୟ ବରାଦର ବ୍ୟବସ୍ଥା କରାଯାଇଛି ।

ମହାଶୟ, 2014-15 ଆର୍ଥିକ ବର୍ଷରେ ଆମେ ନିମ୍ନୋକ୍ତ ନୂତନ ଯୋଜନା ଏବଂ କାର୍ଯ୍ୟକ୍ରମକୁ ଆରମ୍ଭ କରିବାକୁ ଯାଉଛୁ ।

| 10.18 | **ରାସାୟନିକ ସାର ଯୋଗାଣ ପାଇଁ କର୍ପସ ପାଣ୍ଠି** | **100 କୋଟି ଟଙ୍କା** |
|---|---|---|

କୃଷକମାନଙ୍କୁ ଚାହିଦା ମୁତାବକ ଉଚିତ ସମୟରେ ରାସାୟନିକ ସାର ଯୋଗାଇ ଦେବାପାଇଁ  ଉଭୟ ଖରିଫ ଓ ରବି ଋତୁ ପ୍ରାରମ୍ଭରେ ସାର ମହଜୁଦ କରିବା ଆବଶ୍ୟକ । ରାସାୟନିକ ସାରର ସଂଗ୍ରହ ଓ ବଣ୍ଟନ ପାଇଁ ରାଜ୍ୟସ୍ତରୀୟ ସଂସ୍ଥା ଯଥା: ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ (MARKFED) ଏବଂ ଓଡ଼ିଶା କୃଷି ଶିଳ୍ପ ନିଗମ (OAIC)  ସମ୍ପୃକ୍ତ ଅଛନ୍ତି । ଏହି ରାଜ୍ୟ ସ୍ତରୀୟ ସଂସ୍ଥା ଗୁଡ଼ିକ ଦ୍ୱାରା ଚାଷୀମାନଙ୍କ ଆବଶ୍ୟକତା ଅନୁଯାୟୀ ରାସାୟନିକ ସାରର ସମୟୋଚିତ ଉପଲବ୍‌ଧୀକୁ ସୁନିଶ୍ଚିତ କରାଇବା ପାଇଁ ଓଡ଼ିଶା କୃଷି ଶିଳ୍ପ ନିଗମ ଓ ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘକୁ ବିନା ସୁଧରେ 100 କୋଟି ଟଙ୍କାର ସ୍ୱଳ୍ପ ମିଆଦି ଋଣ ଯୋଗାଇ ଦେବା ପାଇଁ ପ୍ରସ୍ତାବ ରଖାଯାଇଛି । ESCROW Account ପଦ୍ଧତି ମାଧ୍ୟମରେ ଏହି ପାଣ୍ଠି ପରିଚାଳନା  କରାଯିବ ।

| 10.19 | **ବିହନ ପାଇଁ କର୍ପସ ପାଣ୍ଠି** | **25 କୋଟି ଟଙ୍କା** |
|---|---|---|

କୃଷି ଓ ଉଦ୍ୟାନ କୃଷି କ୍ଷେତ୍ରରେ ଉତ୍ପାଦକତା ବୃଦ୍ଧି ପାଇଁ ଅଧିକ ଅମଳକ୍ଷମ କିସମ ବିହନ, ଶଙ୍କର ଜାତୀୟ ବିହନ ଏବଂ ଗୁଣାତ୍ମକ ଚାରା

ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଯଥେଷ୍ଟ ପରିମାଣର ଗୁଣାତ୍ମକ ଚାରା ଓ ବିହନ ସମୟୋଚିତ ଭାବରେ କୃଷକମାନଙ୍କୁ ଯୋଗାଇଦେବା ସଙ୍ଗେ ସଙ୍ଗେ ବିଭିନ୍ନ ଫସଲରେ ବିହନ ପ୍ରତିବଦଳ ହାରକୁ ବୃଦ୍ଧି କରିବା ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମ (OSSC) କୁ 25 କୋଟି ଟଙ୍କା ସ୍ୱଳ୍ପ ମିଆଦି ଋଣ ବିନା ସୁଧରେ ଯୋଗାଇ ଦେବା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ପାଣ୍ଠି ESCROW Account ପଦ୍ଧତି ମାଧ୍ୟମରେ ପରିଚାଳିତ ହେବ ।

## 11. ସମବାୟ ବିଭାଗ

**11.1.** କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କର ସଂଚୟ କ୍ଷମତା ଯେହେତୁ କମ ଥାଏ ସେହି କ୍ଷେତ୍ରରେ କୃଷି ଋଣ କୃଷି କ୍ଷେତ୍ରର ଉତ୍ପାଦକତା ବୃଦ୍ଧି ନିମନ୍ତେ ଏକ ପ୍ରଧାନ ଭୂମିକା ଗ୍ରହଣ କରିଥାଏ । ଏହା କୃଷି ପ୍ରଣାଳୀ, ଫସଲ ଚୟନ, କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରୟୋଗ, ଯାନ୍ତ୍ରିକ କୃଷି ଏବଂ କୃଷି ଜାତୀୟ ଦ୍ରବ୍ୟର ପ୍ରକିୟାକରଣକୁ ପ୍ରଭାବିତ କରିଥାଏ । ସଠିକ୍ ସମୟରେ ଏବଂ ଆବଶ୍ୟକୀୟ ସ୍ୱଳ୍ପ ସୁଧ ହାରରେ ଆନୁଷ୍ଠାନିକ ଋଣ ଚାଷୀର ଚାଷ କ୍ଷେତ୍ରର ଆବଶ୍ୟକତା ତଥା ରୋଜଗାର ପ୍ରଦାନକାରୀ ସମ୍ବଳ ସୃଷ୍ଟିକରିବାରେ ସାହାଯ୍ୟ କରିଥାଏ । ପ୍ରାକୃତିକ ଓ ମଣିଷକୃତ ବିପର୍ଯ୍ୟୟ କୃଷିଭିତ୍ତିକ ଉତ୍ପାଦନ ଓ ଆୟ ପାଇଁ ଅତ୍ୟନ୍ତ ବିପଦଜନକ । ଏତଦ୍ ବ୍ୟତୀତ ବିହନ ବୁଣିବା ଠାରୁ ଅମଳ ପର୍ଯ୍ୟନ୍ତ ସମଗ୍ର କୃଷି କାର୍ଯ୍ୟ ଏକ ଅନିଶ୍ଚିତ ପେଷା ହୋଇଥିବାରୁ କୃଷି ବୀମା କୃଷକମାନଙ୍କର ଦୁର୍ବିପାକ ଜନିତ କ୍ଷୟକ୍ଷତିର ଭରଣା ପାଇଁ ନିତାନ୍ତ ଆବଶ୍ୟକ ।

**11.2.** ସମବାୟ ଅନୁଷ୍ଠାନଗୁଡିକ ବ୍ୟାଙ୍କିଙ୍ଗ୍, ବୀମା, ସାର ତଥା ବିହନ ଯୋଗାଣ, ବିପଣନ ଏବଂ କୃଷି ପ୍ରକିୟାକରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସମବାୟ ବିଭାଗ କୃଷି ବୀମା ଯୋଜନାକୁ ପରିଚାଳନା କରିବା ସହିତ ସମବାୟ ଅନୁଷ୍ଠାନ ଗୁଡିକର ତଦାରଖ ପରିଚାଳନା

କରିଥାଏ । ଏହି ବିଭାଗ ମଧ୍ୟ ଅମଳ ପରବର୍ତ୍ତୀ ଆବଶ୍ୟକତା ପୂରଣ ପାଇଁ ଭିତ୍ତିଭୂମି ଯଥା ସଂରକ୍ଷଣ, ପଣ୍ୟାଗାର ଓ ବିପଣନ ବ୍ୟବସ୍ଥାକୁ ଦୃଷ୍ଟି ଦେଇଥାନ୍ତି । ଏହି ସବୁ ମୌଳିକ ଆବଶ୍ୟକତା ଗୁଡ଼ିକର ଗୁରୁତ୍ୱକୁ ଉପଲବ୍ଧି କରି 2014-15 ଆର୍ଥିକ ବର୍ଷରେ ସମବାୟ ବିଭାଗର ବ୍ୟୟ ବରାଦକୁ 55 ପ୍ରତିଶତ ବୃଦ୍ଧି କରାଯାଇଛି, ଯାହାକି 2013-14 ଆର୍ଥିକ ବର୍ଷରେ 716 କୋଟି 44 ଲକ୍ଷ ଟଙ୍କା ଥିବାବେଳେ 2014-15 ଆର୍ଥିକ ବର୍ଷରେ ଏହା 1106 କୋଟି 46 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଅଣ ଯୋଜନା କ୍ଷେତ୍ରରେ 2013-14 ଆର୍ଥିକ ବର୍ଷରେ ଥିବା 108 କୋଟି 44 ଲକ୍ଷ ଟଙ୍କା ବୃଦ୍ଧି ପାଇ 2014-15 ଆର୍ଥିକ ବର୍ଷରେ 111 କୋଟି 90 ଲକ୍ଷ ଟଙ୍କାରେ ପହଞ୍ଚିଛି । 2013-14 ଆର୍ଥିକ ବର୍ଷର ରାଜ୍ୟ ଯୋଜନା ବ୍ୟୟ ବରାଦ 608 କୋଟି ଟଙ୍କାରୁ 64 ପ୍ରତିଶତ ବୃଦ୍ଧି ପାଇ 2014-15 ଆର୍ଥିକ ବର୍ଷରେ 994 କୋଟି 45 ଲକ୍ଷ ଟଙ୍କାରେ ପହଁଞ୍ଚିଛି । ଏହା ଫଳରେ ଚାଷୀ ମାନଙ୍କୁ ସ୍ୱଳ୍ପ ହାରରେ କୃଷି ଋଣ, ଶସ୍ୟ ବୀମା ବ୍ୟବସ୍ଥା ଓ ପଣ୍ୟାଗାରରେ ମତ୍ସ୍ୟ ସଂରକ୍ଷଣର ସୁବିଧା ଉପଲବ୍ଧ ହେବ ।

## 11.3 ସ୍ୱଳ୍ପ ମିଆଦୀ ଋଣ ଉପରେ ସୁଧ ରିହାତି 426.38 କୋଟି ଟଙ୍କା

ରାଜ୍ୟରେ କୃଷକମାନଙ୍କୁ ସମବାୟ ବ୍ୟାଙ୍କ ଗୁଡିକ 66 ପ୍ରତିଶତ ସ୍ୱଳ୍ପ ମିଆଦି ଶସ୍ୟ ଋଣ ପ୍ରଦାନ କରିଥିବା ବେଳେ ଅବଶିଷ୍ଟ 34 ପ୍ରତିଶତ ବାଣିଜ୍ୟିକ ବ୍ୟାଙ୍କ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ମିଶି ଋଣ ପ୍ରଦାନ କରିଥାନ୍ତି । ବାଣିଜ୍ୟିକ ବ୍ୟାଙ୍କ ଓ ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା ଶସ୍ୟ ଋଣ ପ୍ରଦାନର ପରିମାଣ ବୃଦ୍ଧି କରିବା, ଚାଷ କାର୍ଯ୍ୟ ପାଇଁ ଚାଷୀ ମାନଙ୍କୁ ଆନୁଷ୍ଠାନିକ ଋଣ ନେବା ପାଇଁ ଅଧିକରୁ ଅଧିକ ଭାବେ ଉତ୍ସାହିତ କରିବା ପାଇ ଉକ୍ତ ଯୋଜନା ମାଧ୍ୟମରେ ବାଣିଜ୍ୟିକ ବ୍ୟାଙ୍କ ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଦ୍ୱାରା 5 ପ୍ରତିଶତ ହାରରେ ସ୍ୱଳ୍ପ ମିଆଦୀ ଶସ୍ୟ ଋଣ ପ୍ରଦାନ କରାଯାଉଛି । ଏହାଛଡା ସଠିକ୍ ସମୟରେ ଅର୍ଥ ପରିଶୋଧ ପାଇଁ ଅତିରିକ୍ତ 3 ପ୍ରତିଶତ ରିହାତି ବ୍ୟବସ୍ଥା କରାଯାଇଅଛି, ଯାହା

ଫଳରେ ଉକ୍ତ ଯୋଜନାରେ ସମବାୟ ବ୍ୟାଙ୍କ ତଥା ବାଣିଜ୍ୟିକ ବ୍ୟାଙ୍କ ଠାରୁ କୃଷକମାନେ 2 ପ୍ରତିଶତ ହାରରେ ସ୍ୱଳ୍ପ ମିଆଦି ଋଣ ପାଉଛନ୍ତି । ଏଥିପାଇଁ 2013-14 ଆର୍ଥିକ ବର୍ଷରେ 306 କୋଟି ଟଙ୍କା ବ୍ୟୟ ବରାଦରେ 28 ଲକ୍ଷ 77 ହଜାର ଚାଷୀଙ୍କୁ ସୁଧ ରିହାତି ସୁବିଧା ପ୍ରଦାନ କରାଯାଇଛି । 2014-15 ଆର୍ଥିକ ବର୍ଷରେ 30 ଲକ୍ଷ ଚାଷୀଙ୍କୁ ଏହି ସୁବିଧା ପ୍ରଦାନ କରିବା ପାଇଁ ଲକ୍ଷ ଧାର୍ଯ୍ୟ ହୋଇଛି ଓ ରାଜ୍ୟ ଯୋଜନାରେ ଏଥିପାଇଁ 426 କୋଟି 38 ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

| 11.4. | ସମବାୟ ବ୍ୟାଙ୍କ ଓ ବାଣିଜ୍ୟିକ ବ୍ୟାଙ୍କ ଦ୍ୱାରା ମିଆଦି ଋଣ ଉପରେ ସୁଧ ରିହାତି | 10 କୋଟି ଟଙ୍କା |
|---|---|---|

କୃଷି କ୍ଷେତ୍ରରେ କୃଷି ଉତ୍ପାଦନ ଓ ଆୟ ବୃଦ୍ଧି ପାଇଁ ପୁଞ୍ଜି ବିନିଯୋଗ କରିବାକୁ ମିଆଦି ଋଣର ଆବଶ୍ୟକତା ରହିଛି । ଋଣର ପରିମାଣ ଓ ଅବଧି କୁ ଭିତ୍ତିକରି କୃଷକମାନଙ୍କୁ ବର୍ତ୍ତମାନ 10-14 ପ୍ରତିଶତ ସୁଧ ହାରରେ ମିଆଦି କୃଷି ଋଣ ପ୍ରଦାନ କରାଯାଉଛି । କୃଷକମାନଙ୍କ ଉପରେ ସୁଧର ବୋଝ କମାଇବା ପାଇଁ ଓ କୃଷି କ୍ଷେତ୍ରରେ ସମ୍ପତ୍ତି ସୃଷ୍ଟି କରିବା ପାଇଁ 3 ପ୍ରତିଶତ ସୁଧ ରିହାତି ଓ ଠିକ୍ ସମୟରେ ଋଣ ପରିଶୋଧ ପାଇଁ 2 ପ୍ରତିଶତ ସୁଧ ରିହାତିର ବ୍ୟବସ୍ଥା କରାଯାଇଛି । ଏହି ରିହାତି ସମବାୟ ବ୍ୟାଙ୍କ ଓ ବାଣିଜ୍ୟିକ ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ମିଆଦି ଋଣ ଉପରେ ଦିଆଯାଉଛି । ଏହାଦ୍ୱାରା କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ମିଆଦି ଋଣ ଉପରେ ସୁଧହାର ପ୍ରାୟତଃ 7 ପ୍ରତିଶତ ରହିବ ।

ଉକ୍ତ ଯୋଜନା ପାଇଁ 2014-15 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅଧିନରେ 10 କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ସମସ୍ତ

ବର୍ଗର କୃଷି ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଅନୁସୂଚିତ ଜାତି ଓ ଜନଜାତି ଓ ମହିଳା ଉଦ୍ୟୋଗୀମାନେ ଉପକୃତ ହୋଇପାରିବେ ।

| 11.5 | ଶସ୍ୟ ବୀମା ପାଇଁ ବ୍ୟବସ୍ଥା | : | 160 କୋଟି ଟଙ୍କା |
|---|---|---|---|

ପ୍ରାକୃତିକ ଦୁର୍ବିପାକ ଓ ପ୍ରତିକୂଳ ପାଗ ପାଇଁ ଚାଷର କ୍ଷୟକ୍ଷତି ବାବଦରେ କୃଷକ ମାନଙ୍କୁ ବୀମା ସୁରକ୍ଷା ଯୋଗାଇବା ସହ କୃଷକ ମାନଙ୍କ ଆୟକୁ ସ୍ଥିର ରଖିବା ନିମନ୍ତେ କେନ୍ଦ୍ର ସରକାର 2014 ଖରିଫ ଋତୁ ପାଇଁ ପରିବର୍ତ୍ତିତ ଜାତୀୟ କୃଷି ବୀମା ଯୋଜନା (MNAIS) ପ୍ରଚଳନ କରିଛନ୍ତି, ଯାହାକି ରାଜ୍ୟର 30ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ । ବିଗତ ବର୍ଷରେ ଏଥିପାଇଁ 30 କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା । 2014-15 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନାରେ ରାଜ୍ୟ ଅଂଶ ବାବଦକୁ 160 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଯାହାଦ୍ୱାରା ପ୍ରାୟ 14 ଲକ୍ଷ 46 ହଜାର ଚାଷୀଙ୍କ ପାଇଁ କୃଷିବୀମା ପ୍ରଦାନ କରାଯାଇ ପାରିବ ।

| 11.6 | ଆର.ଆଇ.ଡି.ଏଫ୍. ଅନ୍ତର୍ଗତ ପଣ୍ୟାଗାର ପ୍ରତିଷ୍ଠା | 150 କୋଟି ଟଙ୍କା |
|---|---|---|

ପ୍ରାଥମିକ କୃଷି ଭିତ୍ତିକ ସମବାୟ ସମିତି (Primary Agricutural Co-operative Society) ଗୁଡ଼ିକରେ RKYV ଯୋଜନା ମାଧ୍ୟମରେ 298 ଟି ଗୋଦାମ ଗୃହ ନିର୍ମାଣ କରାଯାଇଛି । ପ୍ରତ୍ୟେକ ଗୋଦାମ ଘରର ସଂରକ୍ଷଣ କ୍ଷମତା 300 ମେଟ୍ରିକ୍ ଟନ୍ ଅଟେ । RIDF ଯୋଜନାରେ 2013-14 ଆର୍ଥିକ ବର୍ଷରେ ପ୍ରାଥମିକ କୃଷି ଭିତ୍ତିକ ସମବାୟ ସମିତି (Primary Agricutural Co-operative Society) ସ୍ତରରେ 3 ଲକ୍ଷ 36 ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ 544 ଟି ଗୋଦାମ ଗୃହ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । 2013-14 ଆର୍ଥିକ ବର୍ଷରେ ଏଥିପାଇଁ 83 କୋଟି ଟଙ୍କା ବ୍ୟୟ ବରାଦ

କରାଯାଇଥିବା ସ୍ଥଳେ  2014-15 ଆର୍ଥିକ ବର୍ଷରେ 150 କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି ।

| | | | |
|---|---|---|---|
| 11.7 | ପ୍ରାଥମିକ କୃଷି ସମବାୟ ସମିତିର କମ୍ପ୍ୟୁଟରୀକରଣ | : | 33.77 କୋଟି ଟଙ୍କା |

ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ  ମାଧ୍ୟମରେ ପ୍ରାଥମିକ କୃଷି ସମବାୟ ସମିତିର ସଭ୍ୟ ଓ ଜମାକାରୀମାନଙ୍କୁ ଉନ୍ନତ ମାନର ନିରନ୍ତର ବ୍ୟାଙ୍କ ସେବା ଯୋଗାଇ ଦେବାର ଜରୁରୀ ଆବଶ୍ୟକତା ରହିଛି । ବିଗତ ବର୍ଷରେ ଏଥିପାଇଁ ମାତ୍ର 15 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ବେଳେ  2014-15 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ ଏଥିପାଇଁ 33 କୋଟି 77 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ।

| | | |
|---|---|---|
| 11.8 | ପ୍ରାଥମିକ କୃଷି ସମବାୟ ସମିତି ଗୁଡିକରେ ମୃତ୍ତିକା ପରୀକ୍ଷଣ ପ୍ରୟୋଗଶାଳା ଓ କୃଷି ସେବା କେନ୍ଦ୍ର ପ୍ରତିଷ୍ଠା | 10 କୋଟି ଟଙ୍କା |

ଏହି ଯୋଜନା ମାଧ୍ୟମରେ ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକରେ 150 ଗୋଟି କୃଷି ସେବା କେନ୍ଦ୍ର ଓ ଅଲଗା ଭାବରେ 100 ଗୋଟି ମୃତ୍ତିକା ପରୀକ୍ଷଣ ପ୍ରୟୋଗଶାଳା ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହାଦ୍ୱାରା ଆବଶ୍ୟକତା ଭିତ୍ତିରେ କୃଷି ଯନ୍ତ୍ରପାତି ଓ ଉପକରଣ ଭଡ଼ାରେ ମିଳିବ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଇପାରିବ । ଉପରୋକ୍ତ ଦୁଇଟି ଯୋଜନା ପାଇଁ  2014-15 ଆର୍ଥିକ ବର୍ଷରେ 10 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

| | | |
|---|---|---|
| 11.୨ | ବଜାର ଦର ସୂଚନା ପାଇଁ ଡ଼ିଜିଟାଲ୍ ମଣ୍ଡି ଯୋଜନା ଜରିଆରେ କୃଷକମାନଙ୍କୁ ମାଗଣା ମୋବାଇଲ୍ ଫୋନ୍ ଯୋଗାଣ | 2.50 କୋଟି ଟଙ୍କା |

ଡ଼ିଜିଟାଲ୍ ମଣ୍ଡି ଯୋଜନାରେ ବଜାର ଦର ପ୍ରାପ୍ତି ଦ୍ୱାରା କୃଷକମାନଙ୍କୁ ଶସ୍ୟ ଉତ୍ପାଦନ ପାଇଁ ସଠିକ୍ ଯୋଜନା କରିବା ଓ କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇବା ପାଇଁ ମାଗଣା ମୋବାଇଲ୍ ଫୋନ୍ ଯୋଗାଇ ଦେଇ ସେମାନଙ୍କର ସଶକ୍ତିକରଣ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଛି । ରାଜ୍ୟରେ ନିୟନ୍ତ୍ରିତ ବଜାର କମିଟି (RMCs) ଦ୍ୱାରା ଏହି ପରିଯୋଜନାରେ ପଞ୍ଜିକୃତ ହୋଇଥିବା କୃଷକ ମାନଙ୍କୁ 1000 ଟଙ୍କା ମୂଲ୍ୟର ମୋବାଇଲ୍ ଫୋନ୍ ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି । ତଦନୁଯାୟୀ 2014-15 ଆର୍ଥିକ ବର୍ଷରେ ଏହି ଯୋଜନା ନିମିତ୍ତ 2.50 କେଟି ଟଙ୍କାର ଅର୍ଥ ବ୍ୟବସ୍ଥା ରାଜ୍ୟ ଯୋଜନାରେ କରାଯାଇଛି ।

| | | |
|---|---|---|
| 11.10 | ବ୍ଲକ ସ୍ତରରେ ବଜାର ସ୍ଥଳୀ ପ୍ରତିଷ୍ଠା | 15 କୋଟି ଟଙ୍କା |

ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ 150ଟି ବଜାର ସ୍ଥଳୀ ପ୍ରତିଷ୍ଠା ପାଇଁ 4 ବର୍ଷ ମଧ୍ୟରେ (2011-12 ଠାରୁ 2014-15) 60 କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା ରହିଛି । ତଦନୁଯାୟୀ 2014-15 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ ବଜାର ସ୍ଥଳୀ ପ୍ରତିଷ୍ଠା ପାଇଁ 15 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

| | | |
|---|---|---|
| 11.11 | ICDP ନିମନ୍ତେ ଅଂଶଧନ, ଋଣ ଏବଂ ରିହାତି | 8.15 କୋଟି ଟଙ୍କା |

ରାଜ୍ୟ ସରକାର 2014-15 ଆର୍ଥିକ ବର୍ଷରେ ପ୍ରାଥମିକ କୃଷି ସମବାୟ ସମିତି ଗୁଡିକୁ NCDC ଆର୍ଥିକ ସହାୟତାରେ ଚାଲୁଥିବା ସମନ୍ୱିତ ସମବାୟ

ବିକାଶ ଯୋଜନା (ICDP) ରେ ଅଂଶଧନ, ଋଣ ଏବଂ ରିହାତି ମାଧ୍ୟମରେ ଆର୍ଥିକ ସହାୟତା ଦେଉଛନ୍ତି । ଅନୁଗଳ ଏବଂ ଢେଙ୍କାନାଳ ଜିଲ୍ଲାରେ ଥିବା ପ୍ରାଥମିକ କୃଷି ସମବାୟ ସମିତି  ଗୁଡିକୁ ମାନବ ସମ୍ବଳର ବିକାଶ ଏବଂ ଚଳନ୍ତି ପୁଞ୍ଜିର ବୃଦ୍ଧି ନିମନ୍ତେ ଆର୍ଥିକ ସହାୟତା ଦେଉଛନ୍ତି । ଏଥିପାଇଁ ଚଳିତ ବର୍ଷ ୪ କୋଟି 15 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

| | | |
|---|---|---|
| **11.12** | **ପ୍ରାଥମିକ କୃଷି ସମବାୟ ସମିତିରେ କୃଷି କ୍ଲିନିକ୍ ସ୍ଥାପନ** | **3 କୋଟି ଟଙ୍କା** |

ଏହି ନୂତନ ଯୋଜନା ଅଧିନରେ ପ୍ରତ୍ୟେକ ପ୍ରାଥମିକ କୃଷି ସମବାୟ ସମିତିରେ କୃଷି  କ୍ଲିନିକ୍ ପ୍ରତିଷ୍ଠା କରାଯାଇ ଶସ୍ୟ ସୁରକ୍ଷାପାଇଁ ଚାଷୀମାନଙ୍କୁ କୃଷି ସମ୍ବନ୍ଧୀୟ ପରାମର୍ଶ, ନୂତନ ଜ୍ଞାନ କୌଶଳ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସେବା ପ୍ରଦାନ କରିବା ପାଇଁ ଯୋଜନା କରାଯାଇଛି । ଏହି ବାବଦକୁ 2014-15 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ 3 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

## 12. ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ ବିଭାଗ

**12.1** ମତ୍ସ୍ୟଚାଷ ଓ ପଶୁପାଳନ, କୃଷି ସହିତ ଅଙ୍ଗାଅଙ୍ଗୀ ଭାବେ ଜଡିତ ଏବଂ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଜୀବିକା ନିର୍ବାହ କରିବା ପାଇଁ ଏହା ବହୁମୂଖୀ ଭୂମିକ ଗ୍ରହଣ କରିଥାଏ । ଏହି କ୍ଷେତ୍ର ଗୁଡିକ ନିଯୁକ୍ତି ସୃଷ୍ଟି କରିବାର ସୁଯୋଗ ସହିତ କୃଷି କ୍ଷେତ୍ରରେ ସମ୍ବଳର ବିକାଶ, ଚାଷୀର ସାମାଜିକ ଓ ଆର୍ଥିକ ସୁରକ୍ଷା ତଥା ଫସଲ ହାନି ସମୟରେ ଉପଯୋଗୀ ହୋଇଥାଏ ।  ଓଡିଶା ଏକ ଉପକୂଳବର୍ତ୍ତୀ ରାଜ୍ୟ ଯେଉଁଠାରେ ମଧୁର ଜଳ, ଖାରିଆ ଜଳ ଓ ସାମୁଦ୍ରିକ ମତ୍ସ୍ୟଚାଷ ସହିତ ଗ୍ରାମୀଣ ଲୋକମାନଙ୍କର ଆର୍ଥିକ ମାନର ଉନ୍ନତି ଓ କର୍ମ ନିୟୋଜନ ସହ ମତ୍ସ୍ୟ ଉତ୍ପାଦନ ବୃଦ୍ଧିର ପ୍ରଚୁର

ସମ୍ଭାବନା ରହିଛି । ସେହିଭଳି ପଶୁପାଳନ କାର୍ଯ୍ୟ, କୃଷି କ୍ଷେତ୍ରରେ ବିସ୍ଥାପନ, ପୁଷ୍ଟିହୀନତା ତଥା ଆତ୍ମହତ୍ୟା ଭଳି  ଦୁର୍ଯୋଗରୁ ଚାଷୀ ଦୂରେଇ ରଖିବାର କ୍ଷମତା ରଖିଛି ।  ବସ୍ତୁତଃ, ଆମେ ଦୁଗ୍ଧ ଉତ୍ପାଦନ ଦ୍ୱାରା ଶ୍ୱେତ ବିପ୍ଳବ ଓ ଅଧିକ ମତ୍ସ୍ୟ ଉତ୍ପାଦନ ଦ୍ୱାରା ନୀଳ ବିପ୍ଳବକୁ ପ୍ରତିଫଳିତ କରିବା ଏବଂ ପଶୁସମ୍ପଦ ଓ କୁକୁଡ଼ା ଚାଷର ଉତ୍ପାଦନ ସ୍ତରରେ ଉଲ୍ଲେଖ୍ୟନୀୟ ବୃଦ୍ଧି କରିବା ଆବଶ୍ୟକ ।

**12.2.** ରାଜ୍ୟରେ ଏକ ନୂତନ ମତ୍ସ୍ୟଚାଷ ନୀତି ପ୍ରଣୟନ କରିବା ପାଇଁ ରାଜ୍ୟ ସରକାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ଏହାର ଲକ୍ଷ୍ୟ - ରାଜ୍ୟରେ ମତ୍ସ୍ୟ ଉତ୍ପାଦନ, ଚିଙ୍ଗୁଡିର ରପ୍ତାନିକୁ ଦୁଇ ଗୁଣକୁ ବୃଦ୍ଧି ତଥା ମତ୍ସ୍ୟ ଚାଷ କ୍ଷେତ୍ରରେ ନିଯୁକ୍ତିର ସୁଯୋଗ, ମତ୍ସ୍ୟ ଚାଷୀମାନଙ୍କର ଆର୍ଥିକ ଏବଂ ସାମାଜିକ ବ୍ୟବସ୍ଥାର ଉନ୍ନତି ଆଣିବା ।

**12.3** ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗର ବଜେଟ୍‌ରେ 2013-14 ଆର୍ଥିକ ବର୍ଷରେ 447 କୋଟି ୨ ଲକ୍ଷ ଟଙ୍କା ଥିବାବେଳେ 2014-15 ଆର୍ଥିକ ବର୍ଷରେ ଏହା ବୃଦ୍ଧି ପାଇ 520 କୋଟି ୨ ଲକ୍ଷ ଟଙ୍କା ହୋଇଛି । ଅଣଯୋଜନା ବାବଦରେ ଖର୍ଚ୍ଚ 246 କୋଟି 34 ଲକ୍ଷ ଟଙ୍କାରୁ 25୨ କୋଟି 25 ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଯୋଜନା ଖର୍ଚ୍ଚ 200 କୋଟି 75 ଲକ୍ଷ ଟଙ୍କାରୁ 260 କୋଟି 83 ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ଯାହାକି ବିଗତ ବର୍ଷଠାରୁ 30 ପ୍ରତିଶତ ଅଧିକ ଅଟେ । ଅଣଯୋଜନା ବାବଦରେ ଥିବା 25୨ କୋଟି 25 ଲକ୍ଷ ଟଙ୍କା ବିଭାଗର ପ୍ରତିଷ୍ଠାନ ଓ ପ୍ରଶାସନିକ ପରିଚାଳନା ବ୍ୟବସ୍ଥା ପାଇଁ ଏବଂ କ୍ଷେତ୍ରୀୟସ୍ତରର କାର୍ଯ୍ୟକ୍ରମ ରୂପାୟନ ସଂସ୍ଥା ଗୁଡ଼ିକର ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ । ଯୋଜନା ଅଟକଳ ମୁଖ୍ୟତଃ ଭାବରେ ମତ୍ସ୍ୟ, ପଶୁଚିକିତ୍ସା ଓ ପଶୁପାଳନର ବିକାଶ ପାଇଁ ଉଦ୍ଦିଷ୍ଟ ।

| | | |
|---|---|---|
| 12.4 | ସଘନ Aquaculture ଓ ମଧୁର ଜଳ ମତ୍ସ୍ୟ ଯାଆଁଳ ହ୍ୟାଚେରୀ | 12.50 କୋଟି ଟଙ୍କା |

ଆମ ଦେଶରେ 1970 ଦଶକରେ ନୀଳ ବିପ୍ଳବ ଦ୍ୱାରା ମତ୍ସ୍ୟ ଉତ୍ପାଦନ ବହୁଗୁଣରେ ବୃଦ୍ଧି ପାଇଲା । ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ 2013-14 ଆର୍ଥିକ ବର୍ଷରେ ଗୋଟିଏ ନୂତନ ଯୋଜନା ପ୍ରଣୟନ ମାଧ୍ୟମରେ ସଘନ Aquaculture ଓ ମଧୁର ଜଳ ମତ୍ସ୍ୟ ଯାଆଁଳ ହ୍ୟାଚେରୀ ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ପ୍ରଚଳିତ ଯୋଜନାରେ ଥିବା ଉପଲବ୍ଧ ସବ୍‌ସିଡି ବ୍ୟତିରେକ 30 ପ୍ରତିଶତ ଅତିରିକ୍ତ ସବ୍‌ସିଡ଼ି ପ୍ରଦାନ କରିବା ପାଇଁ ଯୋଜନା କରାଯାଇଛି । ବାର୍ଷିକ 5000 ମତ୍ସ୍ୟ ଚାଷୀଙ୍କୁ ସୁବିଧା ଯୋଗାଇବା ଲକ୍ଷ୍ୟରେ 1200 ହେକ୍ଟର ଜଳକ୍ଷେତ୍ରର ବିକାଶ ଓ ଘରୋଇ କ୍ଷେତ୍ରରେ 10 ଟି ଯାଆଁଳ ହ୍ୟାଚେରୀର ଉନ୍ନତିକରଣ ପାଇଁ ଉକ୍ତ ଯୋଜନାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଗତ ବର୍ଷ ଏବଂ ଚଳିତ ବର୍ଷ ମଧ୍ୟ 12 କୋଟି 50 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

| | | |
|---|---|---|
| 12.5 | ମତ୍ସ୍ୟ ଚାଷୀମାନଙ୍କୁ ସ୍ୱଳ୍ପ ମିଆଦି ଋଣ ଉପରେ ସୁଧ ରିହାତି | 7 କୋଟି ଟଙ୍କା |

ସମ୍ପୂର୍ଣ୍ଣ, ଆଂଶିକ ଓ ସାମୟିକ ଭାବେ ମତ୍ସ୍ୟ ଚାଷ କରୁଥିବା ବ୍ୟକ୍ତିବିଶେଷଙ୍କୁ ନେଇ ମତ୍ସ୍ୟ ଚାଷୀ ସମାଜ ଗଠିତ । ସେମାନେ ଆର୍ଥିକ ଦୃଷ୍ଟି କୋଣରୁ ଗରିବ । ସେମାନଙ୍କର ଜୀବିକା ନିର୍ବାହ ପାଇଁ ସ୍ୱଳ୍ପ ହାରରେ ଓ ସହଜରେ ଉପଲବ୍ଧ ଋଣ ବ୍ୟବସ୍ଥା ସୀମିତ । ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହାୟତାରେ କିଷାନ କ୍ରେଡିଟ୍ କାର୍ଡ ଦ୍ୱାରା କୃଷି ଋଣର ବ୍ୟବସ୍ଥା ରହିଛି । ରାଜ୍ୟ ସରକାର ଜଣେ ମତ୍ସ୍ୟ ଚାଷୀର ଋଣ ଉପରେ 5 ପ୍ରତିଶତ ସୁଧ ରିହାତି ଓ ଠିକ୍ ସମୟରେ ଋଣ ପରିଶୋଧ ପାଇଁ 3 ପ୍ରତିଶତ ପ୍ରୋତ୍ସାହନ ଦେବେ ଯାହା ଫଳରେ ସ୍ୱଳ୍ପ ମିଆଦୀ ଋଣ ଉପରେ ପ୍ରାୟତଃ 4

ପ୍ରତିଶତ ସୁଧ ଲାଗୁ ହେବ । ଏହି ବ୍ୟବସ୍ଥା ଦ୍ୱାରା ମତ୍ସ୍ୟ ଚାଷୀ ମାନଙ୍କୁ ସମବାୟ ତଥା ବାଣିଜ୍ୟିକ ବ୍ୟାଙ୍କରୁ ସୁବିଧାରେ ସ୍ୱଳ୍ପ ମିଆଦୀ ଋଣ ପାଇବା ସମ୍ଭବ ହେବ । ଆମେ ଏହି ଯୋଜନାରେ 2014-15 ଆର୍ଥିକ ବର୍ଷରେ 7 କୋଟି ଟଙ୍କାର ବ୍ୟୟବରାଦ କରିଛୁ ।

| | | |
|---|---|---|
| 12.6 | **ମତ୍ସ୍ୟଚାଷୀ ମାନଙ୍କୁ ଦୀର୍ଘମିଆଦୀ ଋଣ ଉପରେ ସୁଧ ରିହାତି** | **7.99 କୋଟି ଟଙ୍କା** |

ପୁଞ୍ଜି ସଂପତ୍ତି ସୃଷ୍ଟି ପାଇଁ ମତ୍ସ୍ୟ ଚାଷୀ ମାନେ ଦୀର୍ଘ ମିଆଦୀ ଋଣ ଦରକାର କରନ୍ତି । ଏହା ଦ୍ୱାରା ସେମାନେ ପୋଖରୀର ଉନ୍ନତିକରଣ, ଡଙ୍ଗା ଓ ଜାଲ ସଂଗ୍ରହ ଏବଂ ମତ୍ସ୍ୟ ଯାଆଁଳ ହାଚେରୀ ନିର୍ମାଣ ଓ ଆନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରନ୍ତି । ମତ୍ସ୍ୟ ଚାଷୀମାନଙ୍କ ଦ୍ୱାରା ମତ୍ସ୍ୟ ଉତ୍ପାଦନ ଓ ଆୟବୃଦ୍ଧି ପାଇଁ ପୁଞ୍ଜି ବିନିଯୋଗର ସୁଯୋଗ ସୃଷ୍ଟି ପାଇଁ ବ୍ୟାଙ୍କରୁ 10 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ 3 ପ୍ରତିଶତ ସୁଧ ରିହାତି ଓ ଠିକଣା ସମୟରେ ଋଣ ପରିଶୋଧ ଉପରେ 2 ପ୍ରତିଶତ ଅତିରିକ୍ତ ସୁଧ ରିହାତି ଦେବାପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ସୁଧ ରିହାତି ଦ୍ୱାରା ମତ୍ସ୍ୟଚାଷୀମାନେ ସମବାୟ ବ୍ୟାଙ୍କ ଓ ବାଣିଜ୍ୟିକ ବ୍ୟାଙ୍କରୁ ଦୀର୍ଘ ମିଆଦି ଋଣ ନେଲେ ତାହା ଉପରେ ସୁଧ ହାର ପ୍ରାୟତଃ 7 ପ୍ରତିଶତ ରହିବ । ସରକାର ଏଥିପାଇଁ 2014-15 ଆର୍ଥିକ ବର୍ଷରେ 7 କୋଟି 99 ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

| | | |
|---|---|---|
| 12.7 | **କୌଶଲ୍ୟାଗଙ୍ଗ ଠାରେ ଫିସରିଜ୍ ହବ୍** (Fisheries Hub) **ସ୍ଥାପନ** | **2 କୋଟି ଟଙ୍କା** |

କୌଶଲ୍ୟାଗଙ୍ଗ ଠାରେ 20 ଏକର ଜମି ଉପରେ ଏକ ଅତ୍ୟାଧୁନିକ ଫିସରିଜ୍ ହବ୍ (Fisheries Hub) ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ପ୍ରଥମ ଦଫାରେ 5 ଏକର ଜମି ଉପରେ Interpretation

Center, Audio Visual Hall, Boating Complex, Aquarium, Museum, Food Court ଇତ୍ୟାଦି PPP Mode ରେ ସ୍ଥାପନ କରାଯିବ । ସରକାର ଏଥିପାଇଁ 2014-15 ଆର୍ଥିକ ବର୍ଷରେ 2 କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି ।

| 12.୮ | RIDF ସହାୟତାରେ ଭିତ୍ତିଭୂମିର ଉନ୍ନତି | ୨.44 କୋଟି ଟଙ୍କା |
|---|---|---|

ଗୁଡୁପାହି ଚିଙ୍ଗୁଡି ଚାଷ କ୍ଲଷ୍ଟରକୁ ସଂଯୋଗ କରିବା ପାଇଁ ନୂଆନଇ ଘାଟ ପୋଲରୁ ଭୀମପୁରପାହି ଛକ ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ RIDF ଯୋଜନାରେ 2014-15 ଆର୍ଥିକ ବର୍ଷରେ ୨.44 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

| 12.୨ | ମୋବାଇଲ ଫୋନ୍ ସେବା ମାଧ୍ୟମରେ ମତ୍ସ୍ୟଜୀବି ମାନଙ୍କୁ ସଶକ୍ତିକରଣ ଓ ମତ୍ସ୍ୟ ସଂପ୍ରସାରଣ ସେବା ପାଇଁ ନିଃଶୁଳ୍କ ସେବା କେନ୍ଦ୍ର ପ୍ରତିଷ୍ଠା | 4.60 କୋଟି ଟଙ୍କା |
|---|---|---|

ଅପହଞ୍ଚ ଇଲାକା ଓ ଦୁର୍ଗମ ଉପକୂଳ ଅଞ୍ଚଳ ତଥା ନଇକୂଳରେ ଏବଂ ଜଳବନ୍ଦୀ ଅଞ୍ଚଳରେ ବାସ କରୁଥିବା ମତ୍ସ୍ୟଜୀବିମାନେ ଉନ୍ନତ ପ୍ରଯୁକ୍ତିବିଦ୍ୟା, ସମ୍ଭାବ୍ୟ ମତ୍ସ୍ୟଧରା ଅଞ୍ଚଳ, ଦୈନନ୍ଦିନ ବଜାର ମୂଲ୍ୟ, ପାଣିପାଗ ଓ ସେମାନଙ୍କ ଅର୍ଥନୈତିକ ଓ ସମାଜିକ ଉନ୍ନତି ପାଇଁ ପ୍ରଣୀତ ଅନେକ ସରକାରୀ ଯୋଜନା ଗୁଡିକ ବିଷୟରେ ଅବଗତ ନୁହଁନ୍ତି, ଯାହାକି ସେମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ରାଜ୍ୟସରକାର ମତ୍ସ୍ୟଚାଷ ବିଶାରଦମାନଙ୍କଦ୍ୱାରା ହେଲପ୍‌ଲାଇନ୍ ମାଧ୍ୟମରେ ମତ୍ସ୍ୟଜୀବି ମାନଙ୍କୁ ମତ୍ସ୍ୟଚାଷ ସମ୍ପ୍ରସାରଣ ସେବା ଯୋଗାଇଦେଇ ସେମାନଙ୍କର ସଶକ୍ତିକରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ତଦନୁଯାୟୀ ଏକ ଲକ୍ଷ ମତ୍ସ୍ୟଜୀବିଙ୍କୁ

ପାଞ୍ଚଗୋଟି ଦେୟମୁକ୍ତ ଦୂରସଂବାଦ ପାଇବା ପାଇଁ IKSL ଗ୍ରୀନ୍ SIM କାର୍ଡ ବଣ୍ଟନ କରିବାକୁ ବ୍ୟବସ୍ଥା କରିଛନ୍ତି । ସରକାର 2014-15 ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ 4 କୋଟି 60 ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି । 2013-14 ରେ ଏହି ଯୋଜନାରେ 1 ଲକ୍ଷ SIM Card ବିତରଣ କରାଯିବାପାଇଁ ବ୍ୟବସ୍ଥା ହୋଇଥିଲା । 2014-15 ଆର୍ଥିକ ବର୍ଷରେ ଆଉ 1 ଲକ୍ଷ SIM Card ବିତରଣ କରାଯିବାପାଇଁ ବ୍ୟବସ୍ଥା କରାଯାଇଛି ।

## 12.10 ମତ୍ସ୍ୟଜୀବି ଉନ୍ନୟନ ଯୋଜନା — 2 କୋଟି ଟଙ୍କା

ଏହି ଯୋଜନାରେ ମତ୍ସ୍ୟଜୀବି ସମାଜରେ ଥିବା ମେଧାବୀ ବିଦ୍ୟାର୍ଥୀ ମାନଙ୍କୁ 5000 ରୁ 7500 ଟଙ୍କାର ବୃତ୍ତି ପ୍ରଦାନର ବ୍ୟବସ୍ଥା ରହିଛି । ଏତଦ୍ ବ୍ୟତୀତ ଏହି ଯୋଜନାରେ ମତ୍ସ୍ୟ ସମ୍ପର୍କିତ ବ୍ୟବସାୟ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ 5 ହଜାର ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି । 2013-14 ଆର୍ଥିକ ବର୍ଷରେ ମତ୍ସ୍ୟଜୀବି ସମାଜର 2940 ମେଧାବୀ ବିଦ୍ୟାର୍ଥୀମାନଙ୍କୁ ବୃତ୍ତି ଏବଂ 500 ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା ଦିଆଯାଇଥିଲା । 2014-15 ଆର୍ଥିକ ବର୍ଷରେ ମେଧାବୀ ବିଦ୍ୟାର୍ଥୀମାନଙ୍କୁ ବୃତ୍ତି ଏବଂ 500 ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସହାୟତା ନିମନ୍ତେ 2 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## 12.11 ମତ୍ସ୍ୟଜିବୀ ବାସଗୃହ ଯୋଜନା — 8 କୋଟି ଟଙ୍କା

ଗରିବ ମତ୍ସ୍ୟଚାଷୀ ମାନେ ସାଧାରଣତଃ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହେଉଥିବା ଅଞ୍ଚଳରେ ରହିଥାନ୍ତି । ଏଥିପାଇଁ ସେମାନଙ୍କୁ ଦୀର୍ଘସ୍ଥାୟୀ ବାସଗୃହ ଯୋଗାଇଦେବା ଦ୍ୱାରା ସେମାନଙ୍କର ଭବିଷ୍ୟତକୁ ସୁରକ୍ଷିତ କରାଯାଇପାରିବ । ଆମ ସରକାର ସବୁ ମତ୍ସ୍ୟଜୀବି ମାନଙ୍କର ଚାଳ ଘରକୁ 5 ବର୍ଷ ମଧ୍ୟରେ ପକ୍କା ଘରରେ ପରିଣତି କରିବା ପାଇଁ ପ୍ରତିଶ୍ରୁତି

ଦେଇଛନ୍ତି । ପକ୍କାଘର ନିର୍ମାଣ ନିମିତ୍ତ ମତ୍ସ୍ୟଜୀବି ପରିବାରଙ୍କୁ 75 ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି । ତଦନୁଯାୟୀ 2014-15 ଆର୍ଥିକ ବର୍ଷରେ 1067 ବାସଗୃହ ଯୋଗାଇବାର ପ୍ରସ୍ତାବ ରହିଛି ଓ ଏହି ଯୋଜନାରେ ୫.00 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

| 12.12 | ମତ୍ସ୍ୟଚାଷ ପାଇଁ ଭିତ୍ତିଭୂମିର ବିକାଶ | ୫ କୋଟି ଟଙ୍କା |
|---|---|---|

ମତ୍ସ୍ୟଚାଷ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ 2014-15 ଆର୍ଥିକ ବର୍ଷରେ ୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

| 12.13 | ଦୁଗ୍ଧ ଚାଷୀମାନଙ୍କୁ ସ୍ୱଳ୍ପ ମିଆଦୀ ଋଣ ଉପରେ ସୁଧ ରିହାତି | 3.50 କୋଟି ଟଙ୍କା |
|---|---|---|

ଗୋପାଳନକୁ ନିଜର ଆୟ ପନ୍ଥା ହିସାବରେ ଗ୍ରହଣ କରିଥିବା ଚାଷୀମାନେ କିଷାନ କ୍ରେଡିଟ୍ କାର୍ଡ (KCC) ମାଧ୍ୟମରେ ସ୍ୱଳ୍ପ ମିଆଦି ଋଣ ନେଲେ 5 ପ୍ରତିଶତ ସୁଧ ରିହାତି ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥାନ୍ତି । ଏହାସହ ସମୟୋଚିତ ଋଣ ପରିଶୋଧ ପାଇଁ ଅତିରିକ୍ତ 3 ପ୍ରତିଶତ ସୁଧ ରିହାତି ମିଳେ । ଏହି ଯୋଜନା 3 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଉଥିବା ଦୁଗ୍ଧ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ। ଏହି ସୁବିଧା ଯୋଗୁଁ ଦୁଗ୍ଧ ଚାଷୀ ମାନେ ବ୍ୟାଙ୍କରୁ ପ୍ରାୟତଃ 4 ପ୍ରତିଶତ ସୁଧ ହାରରେ ସ୍ୱଳ୍ପ ମିଆଦି ଋଣ ପାଇ ପାରିବେ । 2013-14 ବର୍ଷରେ ଏହି ଯୋଜନାରେ 3.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ଏବଂ 655 ଜଣ ଚାଷୀ ଏହାର ସୁବିଧା ପାଇଥିଲେ । 2014-15 ଆର୍ଥିକ ବର୍ଷରେ ଏଥିପାଇଁ 3.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

| 12.14 | ଦୁଗ୍ଧ ଚାଷୀମାନଙ୍କୁ ଦୀର୍ଘ ମିଆଦୀ ଋଣ ଉପରେ ସୁଧ ରିହାତି | 4.50 କୋଟି ଟଙ୍କା |
|---|---|---|

ଦୁଗ୍ଧ ଚାଷୀମାନେ ଯନ୍ତ୍ରପାତି, ସରଞ୍ଜାମ, ଗୃହ, ପଶୁ ସମ୍ପଦର ସଂଗ୍ରହଣ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ବ୍ୟାଙ୍କମାନଙ୍କ ଠାରୁ ଋଣ ନେଇଥାଆନ୍ତି । ଦୁଗ୍ଧ ଚାଷ ପାଇଁ ଦିଆଯାଉଥିବା ଋଣ ପ୍ରଦାନର ପରିମାଣକୁ ବୃଦ୍ଧି କରିବା ପାଇଁ 3 ପ୍ରତିଶତ ସୁଧ ରିହାତି ଦେବାର ପ୍ରସ୍ତାବ ରହିଛି । ଏହାସହ ସଠିକ୍ ସମୟରେ ଋଣ ପରିଶୋଧ କରୁଥିବା ଚାଷୀଙ୍କୁ ଅତିରିକ୍ତ 2 ପ୍ରତିଶତ ସୁଧ ରିହାତିର ସୁବିଧା ରହିଛି । ଏହା ଦ୍ୱାରା ଦୁଗ୍ଧ ଚାଷୀମାନେ ପ୍ରାୟତଃ 7 ପ୍ରତିଶତ ହାରର ଦୀର୍ଘ ମିଆଦି ଋଣ ପାଇପାରିବେ । 2013-14 ଆର୍ଥିକ ବର୍ଷରେ ଏହି ଯୋଜନାରେ 3 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ତାହା 2014-15 ଆର୍ଥିକ ବର୍ଷରେ 4.50 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ 3 ହଜାର ଦୁଗ୍ଧଚାଷୀ ମାନଙ୍କୁ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି ।

## 13. ଜଳ ସମ୍ପଦ ବିଭାଗ

**13.1** ନିଶ୍ଚିତ ଜଳସେଚନର ସୁବିଧା ବିନା ସଘନ ଚାଷ ଅସମ୍ଭବ । ଜଳସେଚନର ସୁବିଧା ଚାଷୀମାନଙ୍କୁ ଅଧିକ ଅମଳକ୍ଷମ ବିହନ ଓ ଅଧିକ ମାତ୍ରାରେ ସାର ପ୍ରୟୋଗ ତଥା ଉନ୍ନତ ରୋଗ ପୋକ ନିୟନ୍ତ୍ରଣ ବ୍ୟବସ୍ଥାକୁ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିଥାଏ । ଏଥିପାଇଁ ସରକାରୀ ପୁଞ୍ଜି ବିନିଯୋଗର ଅଧିକ ଆବଶ୍ୟକତା ରହିଛି । ଆମ ନିର୍ବାଚନ ଇସ୍ତାହାରରେ 5 ବର୍ଷ ମଧ୍ୟରେ ଅତିରିକ୍ତ 10 ଲକ୍ଷ ହେକ୍ଟର ଜମିରେ ଜଳସେଚନ ସୁବିଧା ଯୋଗାଇବା ପାଇଁ ଚାଷୀମାନଙ୍କୁ ପ୍ରତିଶୃତି ଦେଇଅଛୁ ଏତଦ୍ ବ୍ୟତୀତ ଅଚଳ ଏବଂ ଅକାମୀ ହୋଇପଡିଥିବା ଉଠାଜଳସେଚନ ପଏଣ୍ଟ ଗୁଡିକର ପୁନଃଉଦ୍ଧାର ନିମିତ୍ତ ପ୍ରତିଶୃତି ଦେଇଥିଲୁ । ଜଳସମ୍ପଦର ବିକାଶ ଓ

ସୁପରିଚାଳନା ପାଇଁ ଆମର ପ୍ରଚଳିତ ନୀତି ଏହି ଲକ୍ଷ୍ୟ ହାସଲପାଇଁ ଉଦ୍ଦିଷ୍ଟ । ଏହାସହ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯଥା ଆଡିବନ୍ଧ ନିର୍ମାଣ, ଗଭୀର, ଅଗଭୀର ନଳକୂପ ଖନନ ଏବଂ ବଡ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ କରାଯାଇ ଜଳକ୍ଲିଷ୍ଟ ଇଲାକାରେ ସ୍ୱଳ୍ପ ସମୟରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ପାଇଁ ଉଦ୍ୟମ ଜାରୀ ରହିଛି । ଅତି କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଗୁଡିକ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । 10 ଲକ୍ଷ ହେକ୍ଟର ଚାଷ ଜମିକୁ- ଯାହାକି ରାଜ୍ୟର ଚାଷ ଯୋଗ୍ୟ ଜମିର 16 ପ୍ରତିଶତ ଅଟେ ଜଳସେଚନର ସୁବିଧାର ପ୍ରଦାନ ପାଇଁ 1 ଲକ୍ଷ 25 ହଜାର ଗଭୀର ନଳକୂପ, 10 ହଜାର ଅଗଭୀର ନଳକୂପ, ନଦୀରେ 5 ହଜାର ଅତି କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ ଏବଂ 175 ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ କରିବା ପାଇଁ ଯୋଜନା କରାଯାଇଛି । ଏତଦ୍ ବ୍ୟତୀତ 14 ଟି ବୃହତ୍ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଆଗାମୀ 5 ବର୍ଷ ମଧ୍ୟରେ ସମାପ୍ତ କରିବାର ଯୋଜନା ରହିଛି ।

**13.2** ଜଳ ସମ୍ପଦ ବିଭାଗ ପାଇଁ 2013-14 ଆର୍ଥିକ ବର୍ଷରେ 4024 କୋଟି 23 ଲକ୍ଷ ଟଙ୍କା ବ୍ୟୟ ବରାଦ ଥିଲାବେଳେ 2014-15 ଆର୍ଥିକ ବର୍ଷରେ ଏହା 5087 କୋଟି ୬୨ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଅଣଯୋଜନା କ୍ଷେତ୍ରରେ ବ୍ୟୟ ବରାଦ ୨୨3 କୋଟି 53 ଲକ୍ଷ ଟଙ୍କାରୁ 1147 କୋଟି ୪1 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ରାଜ୍ୟ ଯୋଜନା କ୍ଷେତ୍ରରେ 2013-14 ଆର୍ଥିକ ବର୍ଷରେ 3031 କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା ଥିଲା ବେଳେ 2014-15 ଆର୍ଥିକ ବର୍ଷରେ ଏହାର କଳେବର 3୨3୨ କୋଟି ୪୪ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି ।

**13.3** ଅଣ ଯୋଜନା ଅନ୍ତର୍ଗତ 1147 କୋଟି ୪1 ଲକ୍ଷ ଟଙ୍କା ମୁଖ୍ୟତଃ ରାଜ୍ୟର ସାଧାରଣ ଜଳସେଚନ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଓ ପ୍ରତିଷ୍ଠାନ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ । 2014-15 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ 3୨3୨ କୋଟି

୫୫ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ବୃହତ୍ତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ, ବନ୍ୟା ନିୟନ୍ତ୍ରଣ, ଜଳ ନିଷ୍କାସନ, କ୍ଷୁଦ୍ର ଜଳସେଚନ କାର୍ଯ୍ୟ ଓ ସେଚଅଞ୍ଚଳ ଉନ୍ନୟନ ଯୋଜନା ସହିତ ଭାଗିଦାରୀ ଜଳସେଚନ ପରିଚାଳନା ପାଇଁ ଉଦ୍ଦିଷ୍ଟ । ଏହି କାର୍ଯ୍ୟକ୍ରମ ଜରିଆରେ 2014-15 ଆର୍ଥିକ ବର୍ଷରେ ଅତିରିକ୍ତ 2.04 ଲକ୍ଷ ହେକ୍ଟର ଚାଷ ଜମିରେ ଜଳସେଚନର ବ୍ୟବସ୍ଥା କରାଯାଇଛି ।

ଆମ ନିର୍ବାଚନୀ ଇସ୍ତାହାର ତଥା ରାଜ୍ୟ ଜନସାଧାରଣଙ୍କର ଜୀବନ ଧାରାର ମାନର ଉନ୍ନତି ପାଇଁ ଆମର ପ୍ରତିବଦ୍ଧତାକୁ ଆଖି ଆଗରେ ରଖି କେତେକ ନୂତନ ଯୋଜନାଗୁଡ଼ିକୁ ହାତକୁ ନିଆଯାଉଛି, ଯାହା ଅତିରିକ୍ତ ଜଳସେଚନ କ୍ଷମତା ଏବଂ ଭିତ୍ତିଭୂମିର ସୁବିଧା ସୃଷ୍ଟି କରିବ ।

| | | |
|---|---|---|
| 13.4 | **ଅଚଳ ଉଠା ଜଳସେଚନ ପ୍ରକଳ୍ପ ଗୁଡିକର ପୁନରୁଦ୍ଧାର** | **5 କୋଟି ଟଙ୍କା** |

ଅଚଳ ଉଠା ଜଳସେଚନ ପ୍ରକଳ୍ପ ଗୁଡିକର ପୁନରୁଦ୍ଧାର ଓ କାର୍ଯ୍ୟକ୍ଷମ କରିବା ପାଇଁ ଚଳିତ ଆର୍ଥିକ ବର୍ଷରେ ଏକ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି । ଏଥିପାଇଁ 5 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

| | | |
|---|---|---|
| 13.5 | **ଜଳ ନିକାସ ପ୍ରଣାଳୀର ଉନ୍ନତିକରଣ ଯୋଜନା** | **95 କୋଟି ଟଙ୍କା** |

ରାଜ୍ୟରେ ଅକାମୀ ହୋଇଥିବା ଜଳ ନିକାସ ପ୍ରଣାଳୀ ଏବଂ ଜଳପ୍ଲାବିତ ଅଞ୍ଚଳରୁ ଜଳ ନିସ୍କାସନ ପାଇଁ ଏହି ଯୋଜନାରେ ଆଗାମୀ 5 ବର୍ଷରେ 1000 କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

2014-15 ଆର୍ଥିକ ବର୍ଷରେ ଏଥିପାଇଁ 95 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

| 13.6 | **ନଦୀ ଓ କେନାଲ ବନ୍ଧ ରାସ୍ତାର ନିର୍ମାଣ ଓ ଉନ୍ନତିକରଣ ଯୋଜନା** | **64 କୋଟି ଟଙ୍କା** |
|---|---|---|

ବହୁ ଯାନବାହାନ ଚଳାଚଳ କରୁଥିବା ନଦୀ ଓ କେନାଲ ବନ୍ଧ ରାସ୍ତାର ନିର୍ମାଣ ଓ ଉନ୍ନତିକରଣ ଦ୍ୱରା ଆଗାମୀ 5 ବର୍ଷରେ 500 କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । 2014-15 ଆର୍ଥିକ ବର୍ଷରେ ଏଥିପାଇଁ 64 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

| 13.7 | **ଜଳସମ୍ପଦ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ** | **40.39 କୋଟି ଟଙ୍କା** |
|---|---|---|

ଆମ ନିଜ ସମ୍ବଳରୁ ନୂତନ ବୃହତ ଏବଂ ମଧ୍ୟମ ଜଳସେଚନ ପ୍ରକଳ୍ପର କାର୍ଯ୍ୟାରମ୍ଭ ପାଇଁ ତଥା ଶେଷ ପର୍ଯ୍ୟାୟରେ ଥିବା ମଧ୍ୟମ ଜଳସେଚନ ପ୍ରକଳ୍ପକୁ ସଂପୂର୍ଣ୍ଣ କରିବା ପାଇଁ ଆଗାମୀ 5 ବର୍ଷରେ 1000 କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । 2014-15 ଆର୍ଥିକ ବର୍ଷରେ ଏଥିପାଇଁ 40 କୋଟି 39 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

| 13.8 | **ସହରାଞ୍ଚଳରେ ଛାତ ଉପର ବର୍ଷାଜଳର ସଂରକ୍ଷଣ ଓ ଭୂତଳ ଜଳର କ୍ଷମତା ବୃଦ୍ଧି** | **1 କୋଟି ଟଙ୍କା** |
|---|---|---|

ସହରାଞ୍ଚଳ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧିକରି, ସେମାନଙ୍କ ଦୈନନ୍ଦିନ ଚାହିଦା ପୂରଣ କରିବା ପାଇଁ ଜଳର ସଂରକ୍ଷଣ ଓ ଭୂତଳ ଜଳର କ୍ଷମତା ବୃଦ୍ଧି ଏକାନ୍ତ ଆବଶ୍ୟକ । ଏହି ଯୋଜନାରେ ଆଗାମୀ

5 ବର୍ଷରେ 100 କୋଟି ଟଙ୍କାର ଖର୍ଚ୍ଚ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଯୋଜନାକୁ ଭୁବନେଶ୍ୱର ଓ ବ୍ରହ୍ମପୁର ସହରରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଯିବ । ସରକାରୀ ଅଟ୍ଟାଳିକା ଏବଂ ତିନି ମହଲା ବିଶିଷ୍ଟ ଘରୋଇ ଅଟ୍ଟାଳିକା ଯାହାର ଛାତର ପରିସୀମା 200 ବର୍ଗମିଟର ମଧ୍ୟରେ ଥିବ ସେମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ଏହି ଯୋଜନାରେ ବୈଷୟିକ ସହାୟତା ସହିତ 45000 ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନ ଆଗ୍ରହୀ ଘରମାଲିକଙ୍କୁ ଦିଆଯିବାର ବ୍ୟବସ୍ଥା କରାଯାଇଛି । 2014-15 ଆର୍ଥିକ ବର୍ଷରେ ଏଥିପାଇଁ 1 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## 13.9 ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ 1985 କୋଟି ଟଙ୍କା

ବୃହତ ଓ ମଧ୍ୟମ ପ୍ରକଳ୍ପ ଗୁଡିକ ଯଦିଓ ଅତ୍ୟଧିକ ପୁଞ୍ଜି ଦରକାର କରେ ଓ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅଧିକ ସମୟ ଲାଗେ ତଥାପି ଏହା ବିସ୍ତୃତ ଅଞ୍ଚଳରେ ଜଳସେଚନର ଆବଶ୍ୟକତାକୁ ପୂରଣ କରିଥାଏ । ଏହି ଯୋଜନାରେ ନୂତନ ପ୍ରକଳ୍ପ ନିର୍ମାଣ ସହ ନବୀକରଣ, ଆଧୁନିକୀକରଣ ଓ ପ୍ରଚଳିତ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପର କ୍ଷମତା ସ୍ଥିରୀକରଣ (Stabilisation) କାର୍ଯ୍ୟ କରାଯାଉଛି । ଏଥିପାଇଁ ବହିଃସାହାଯ୍ୟ ପ୍ରଦାନକାରୀ ସଂସ୍ଥା ଯଥା ବିଶ୍ୱ ବ୍ୟାଙ୍କ, ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା (JICA) ଏବଂ ଏସିଆନ୍ ଉନ୍ନୟନ ବ୍ୟାଙ୍କ (ADB) ଦ୍ୱାରା ପ୍ରଦତ୍ତ ଅର୍ଥ, ଭାରତ ସରକାରଙ୍କ ତ୍ୱରିତ ଜଳସେଚନ ପ୍ରୋତ୍ସାହନ ଯୋଜନା (AIBP), ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ଏବଂ ରାଜ୍ୟର ନିଜସ୍ୱ ଯୋଜନା ପାଣ୍ଠିରୁ କାର୍ଯ୍ୟକାରୀ ହେଉଛି । ଏଥିପାଇଁ 1985 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ମୁଖ୍ୟତଃ ସାତଗୋଟି ବୃହତ ଜଳସେଚନ ପ୍ରକଳ୍ପ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ଅପର ଇନ୍ଦ୍ରାବତୀ ପ୍ରକଳ୍ପ, କାନପୁର ଜଳସେଚନ ପ୍ରକଳ୍ପ, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ, ଲୋୟର ସୁକତେଲ

ଜଳସେଚନ ପ୍ରକଳ୍ପ, ରେଙ୍ଗାଲି ଜଳସେଚନ ପ୍ରକଳ୍ପ (ବାମପାର୍ଶ୍ୱ ଓ ଦକ୍ଷିଣ ପାର୍ଶ୍ୱ) ଓ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଏବଂ 10 ଗୋଟି ମଧ୍ୟମ ଜଳସେଚନ ପ୍ରକଳ୍ପ କୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ଦିଷ୍ଟ ।

| 13.10 | **କ୍ଷୁଦ୍ର ଜଳସେଚନ** | **1166.95 କୋଟି ଟଙ୍କା** |
|---|---|---|

କ୍ଷୁଦ୍ର ଜଳସେଚନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଛି - ଗୋଟିଏ ହେଉଛି ଭୂପୃଷ୍ଠ ଜଳସେଚନ ଓ ଅନ୍ୟଟି ହେଉଛି ଉଠା ଜଳସେଚନ । ଏହି ପ୍ରକଳ୍ପ ଗୁଡିକ ପାଇଁ କମ୍ ପୁଞ୍ଜି ଆବଶ୍ୟକ ଏବଂ ଅତିରିକ୍ତ ଜଳସେଚନ ସୁବିଧା ଯୋଗାଇ ଦେବା କ୍ଷେତ୍ରରେ ଏହା କମ୍ ସମୟ ନିଏ । କ୍ଷୁଦ୍ର ଜଳସେଚନର ଉନ୍ନତି ପାଇଁ 2014-15 ଆର୍ଥିକ ବର୍ଷରେ 1166.95 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ବିଶ୍ୱ ବ୍ୟାଙ୍କରୁ ଓଡିଶା ଗୋଷ୍ଠି ପୋଖରୀ ପରିଚାଳନା କାର୍ଯ୍ୟକ୍ରମ ପାଇଁ, କେନ୍ଦ୍ର ସରକାରଙ୍କ ଠାରୁ ଜଳାଶୟ ଗୁଡିକର ମରାମତି, ପୁନରୁଦ୍ଧାର ଓ ସଂରକ୍ଷଣ (RRR) ଯୋଜନା ପାଇଁ, ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧିନରେ ନାବାର୍ଡରୁ ବିଜୁ କୃଷକ ଯୋଜନା ପାଇଁ ଏବଂ ରାଜ୍ୟ ଯୋଜନା ପାଣ୍ଠିରୁ ଆଡିବନ୍ଧ ଏବଂ ବୃହତ ଉଠା ଜଳସେଚନ ପାଇଁ ଅର୍ଥର ବ୍ୟବସ୍ଥା କରାଯାଉଛି ।

ଏହି 1166.95 କୋଟି ଟଙ୍କା ବ୍ୟୟବରାଦ ମଧ୍ୟରୁ -

- ବର୍ଷା ଋତୁ ଶେଷରେ ଜଳ ଉପଲବ୍ଧ କରିବାକୁ ଆଡିବନ୍ଧ ନିର୍ମାଣ ସହ ଭୂତଳ ଜଳର ବିନିଯୋଗ ତଥା ଆନୁସାଙ୍ଗିକ ଜଳସେଚନ ବ୍ୟବସ୍ଥା ପାଇଁ 257 କୋଟି ଟଙ୍କା ।
- ଜଳାଶୟ ଗୁଡିକର ମରାମତି, ପୁନରୁଦ୍ଧାର ଓ ସଂରକ୍ଷଣ ପାଇଁ 202 କୋଟି ଟଙ୍କା ।

- ପାହାଡିଆ ଅଞ୍ଚଳରେ ନଦୀ ଓ ଜଳାଶୟମାନଙ୍କରୁ ବୃହତ ଉଠା ଜଳସେଚନ ମାଧ୍ୟମରେ କୃଷକମାନଙ୍କୁ ଜଳସେଚନ ସୁବିଧା ଯୋଗାଇଦେବା ପାଇଁ 325 କୋଟି ଟଙ୍କା ।
- ବିଜୁ କୃଷକ ବିକାଶ ଯୋଜନା ପାଇଁ 203 କୋଟି ଟଙ୍କା ଏବଂ
- ଓଡିଶା ଗୋଷ୍ଠୀ ପୋଖରୀ ପରିଚାଳନା କାର୍ଯ୍ୟକ୍ରମ (OCTMP) ପାଇଁ 60 କୋଟି ଟଙ୍କା ଅନ୍ତର୍ଭୁକ୍ତ ।
- ଏଥିରେ ମଧ୍ୟ ନୂତନ ଭାବରେ ଆରମ୍ଭ ହୋଇଥିବା କେନାଲ ଲାଇନିଙ୍ଗ ଓ ପୁନରୁଦ୍ଧାର କାର୍ଯ୍ୟକ୍ରମ ବାବଦକୁ 90 କୋଟି ଟଙ୍କା ରଖାଯାଇଛି ।
- AIBP ଓ RIDF କାର୍ଯ୍ୟକ୍ରମ ପାଇଁ 40 କୋଟି ଟଙ୍କା ।

| | | |
|---|---|---|
| 13.11 | **ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ** (Flood Control & Drainage) | **529.20 କୋଟି ଟଙ୍କା** |

ରାଜ୍ୟର ବିସ୍ତୃତ ଅଞ୍ଚଳରେ ଅତ୍ୟଧିକ ବୃଷ୍ଟିପାତ ଦ୍ୱାରା 5 ଗୋଟି ମୁଖ୍ୟ ନଦୀର ତ୍ରିକୋଣ ଭୂମି ଅଞ୍ଚଳ ପ୍ରତିବର୍ଷ ଅନ୍ତରରେ ଜଳପ୍ଲାବିତ ଓ ବନ୍ୟାଦ୍ୱାରା ପ୍ରଭାବିତ ହୋଇଥାଏ । ରାଜ୍ୟ ସରକାର ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପ, ନଦୀବନ୍ଧ ସୁରକ୍ଷା, ସାମୁଦ୍ରିକ କ୍ଷୟକୁ ପ୍ରତିରୋଧ କରିବା, ନଦୀମୁହାଣ ଖନନ ପ୍ରଭୃତି କାର୍ଯ୍ୟ ମାଧ୍ୟମରେ ବନ୍ୟା ନିୟନ୍ତ୍ରଣ ପରିଚାଳନା ଓ ପ୍ରଶମନ ପାଇଁ ଅନେକ ଗୁଡିଏ ପଦକ୍ଷେପ ନେଉଛନ୍ତି । ଏଥିପାଇଁ ତ୍ୱରିତ ଜଳସେଚନ ସୁବିଧା ଯୋଜନା (AIBP)ର ବନ୍ୟା ପରିଚାଳନା କାର୍ଯ୍ୟକ୍ରମ, ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ଓ ରାଜ୍ୟର ନିଜସ୍ୱ ଯୋଜନା ପାଣ୍ଠିରୁ ବ୍ୟୟବରାଦ କରାଯାଇଛି । ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳବାସୀ ଜଳ ନିଷ୍କାସନ ବ୍ୟବସ୍ଥା ଓ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା, ଜଳସେଚନ ଭିତ୍ତିକ କୃଷି ଉତ୍ପାଦନ ବ୍ୟବସ୍ଥାର ବିଶେଷ ଅଂଶ ।

ଜଳ ନିଷ୍କାସନ କାର୍ଯ୍ୟ ପାଇଁ ତ୍ୱରିତ ଜଳସେଚନ ସୁବିଧା ଯୋଜନା (AIBP) ର ବନ୍ୟା ପରିଚାଳନା କାର୍ଯ୍ୟକ୍ରମ, ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (RIDF) ଓ ରାଜ୍ୟର ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ ହୋଇଥାଏ । ଗତ ବର୍ଷ ଭୟଙ୍କର ବାତ୍ୟା 'ଫାଇଲିନ୍' ଏବଂ ଏହାର ପରବର୍ତ୍ତୀ ଲଗାତର ପ୍ରବଳ ବର୍ଷା ଓ ବନ୍ୟା ରାଜ୍ୟର ଜଳସେଚନର ଭିତ୍ତିଭୂମିକୁ ପ୍ରବଳ କ୍ଷତି ପହଁଚାଇଛି । ଏଥିପାଇଁ 2014-15 ବର୍ଷରେ ୨୦ କୋଟି 20 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏତଦ୍ ବ୍ୟତିତ,ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ ପାଇଁ 300 କୋଟି 12 ଲକ୍ଷ ଟଙ୍କା ଓ ଜଳ ନିଷ୍କାସନ କାର୍ଯ୍ୟ ପାଇଁ 13୪ କୋଟି ୪୪ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯିବାର ପ୍ରସ୍ତାବ ରହିଛି । ସର୍ବମୋଟ ଭାବେ ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ ନିମିତ୍ତ 529 କୋଟି 20 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

| 13.12 | **ସେଚାଞ୍ଚଳ ଉନ୍ନୟନ** | **257.73 କୋଟି ଟଙ୍କା** |
|---|---|---|

ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ସୃଷ୍ଟି ହୋଇଥିବା ଜଳସେଚନ ସୁବିଧା ଓ ଏହାର ଉପଯୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା । ସେଚାଞ୍ଚଳରେ ଜଳସେଚନ ପରିଚାଳନାରେ ଭାଗିଦାରୀ ମାଧ୍ୟମରେ ଜଳର ସୁବିନିଯୋଗ କରି କୃଷି ଉତ୍ପାଦନ ବୃଦ୍ଧି କରାଯିବା ମଧ୍ୟ ଏହାର ଉଦ୍ଦେଶ୍ୟ । ବର୍ତ୍ତମାନ ୨ ଟି ବୃହତ ଓ 4 ଟି ମଧ୍ୟମ ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଚାଲୁରହିଛି । ଯାହାପାଇଁ କେନ୍ଦ୍ର ସରକାର ସହାୟତା ଅଂଶ ପ୍ରଦାନ କରୁଛନ୍ତି । 2014-15 ରେ ୪3486 ହେକ୍ଟର ଜମି ପାଇଁ କ୍ଷେତ୍ର ପ୍ରଣାଳୀ ଓ 23467 ହେକ୍ଟର ଜମି ପାଇଁ ଜଳ ନିଷ୍କାସନ ବ୍ୟବସ୍ଥା ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି । ତଦନୁଯାୟୀ ବଜେଟ୍‌ରେ ଏହି ଯୋଜନା ପାଇଁ 257 କୋଟି 73 ଲକ୍ଷ ଟଙ୍କା ରଖାଯାଇଛି ।

## 13.13 ବୃହତ ଉଠା ଜଳ ସେଚନ ପ୍ରକଳ୍ପ ଗୁଡିକୁ ବିଦ୍ୟୁତ ଯୋଗାଣ 84 କୋଟି ଟଙ୍କା

ଜଳସମ୍ପଦ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବୃହତ ଉଠା ଜଳସେଚନ ପ୍ରକଳ୍ପ ଗୁଡିକୁ ସୁନିଶ୍ଚିତ ବିଦ୍ୟୁତ ଯୋଗାଣ ଆବଶ୍ୟକ । ଏଥିପାଇଁ ବିଦ୍ୟୁତ ସରବରାହ ଏବଂ ବଣ୍ଟନ ଭିତ୍ତିଭୂମିର ଉନ୍ନତି ନିମନ୍ତେ 2014-15 ଆର୍ଥିକ ବର୍ଷରେ OPTCL ମାଧ୍ୟମରେ ୨ କୋଟି ଟଙ୍କା ଖର୍ଚ୍ଚ କରାଯାଇ 5 ଟି EHT ଗ୍ରୀଡ ସବଷ୍ଟେସନର ଉନ୍ନତିକରଣ ଓ 75 କୋଟି ଟଙ୍କା ଖର୍ଚ୍ଚ କରାଯାଇ 2 ଟି ନୂତନ EHT ଗ୍ରୀଡ ସବଷ୍ଟେସନ ସ୍ଥାପନ କରାଯାଉଛି ।

## 14. ଶକ୍ତି ବିଭାଗ

## 14.1 କୃଷି ପାଇଁ ସ୍ୱତନ୍ତ୍ର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା 100 କୋଟି ଟଙ୍କା

କୃଷି କ୍ଷେତ୍ରରେ ଉଠା ଜଳସେଚନ ପଏଣ୍ଟ, ଗଭୀର ଏବଂ ଅଗଭୀର ନଳକୂପକୁ ନିର୍ଭରଯୋଗ୍ୟ ଏବଂ ଉନ୍ନତମାନର ବିଦ୍ୟୁତ୍ ଯୋଗାଣର ଆବଶ୍ୟକତା ରହିଛି । 2013-14 ମସିହାରେ ଏହି ସ୍ୱତନ୍ତ୍ର ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷି ଓ ମତ୍ସ୍ୟଚାଷ କ୍ଷେତ୍ରକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଏହି ଯୋଜନା ମାଧ୍ୟମରେ ସ୍ୱତନ୍ତ୍ର ଫିଡର୍ ସ୍ଥାପନ କରିବାକୁ ସ୍ଥିର କରାଯାଇଛି । ଏହି ଯୋଜନାରେ କୃଷି କ୍ଷେତ୍ରରେ 111ଟି ଫିଡର୍ ଏବଂ ମତ୍ସ୍ୟଚାଷ କ୍ଷେତ୍ରରେ ୧8 ଟି ଫିଡର୍ ଚିହ୍ନଟ କରାଯାଇଛି । ଏଥି ନିମନ୍ତେ 2014-15 ଆର୍ଥିକ ବର୍ଷ ବଜେଟ୍‌ରେ 100 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## 15 ଉପସଂହାର

ମହାଶୟ, ଆମ ରାଜ୍ୟ ଉର୍ବର ମୃତ୍ତିକା, କୃଷି ଉପଯୋଗୀ ଜଳବାୟୁ ଓ ପ୍ରଚୁର ବୃଷ୍ଟିପାତରେ ପରିପୂର୍ଣ୍ଣ । ଏହି ପରିପ୍ରେକ୍ଷୀରେ ଜଳସେଚନ ସୁବିଧାର ସୁବିନିଯୋଗ, ଗୁଣାତ୍ମକ ବିହନ ଓ ଚାରା, କୃଷି ସାମଗ୍ରୀ ଯୋଗାଣ, ଅମଳ ପରବର୍ତ୍ତୀ ସଂରକ୍ଷଣ ଓ ବିପଣନର ସୁବିଧା ସୁଯୋଗ ସ୍ଥାପନ କରି ରାଜ୍ୟକୁ ଖାଦ୍ୟ ଶସ୍ୟ, ପନିପରିବା, ମାଛ, ମାଂସ, ଅଣ୍ଡା ଏବଂ କ୍ଷୀର ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ଆମ ସରକାର ଗୁରୁତ୍ୱ ଦେଉଛନ୍ତି । ସ୍ୱଳ୍ପ ସୁଧ ହାରରେ କୃଷିଋଣ ପ୍ରଦାନ ଓ କୃଷି ବୀମା ବ୍ୟବସ୍ଥା ଦ୍ୱାରା କୃଷିକୁ ଆର୍ଥିକ ଦୃଷ୍ଟିକୋଣରୁ ଲାଭଜନକ ବୃତ୍ତି ଭାବରେ ପରିଗଣିତ କରିବା ପାଇଁ ଆମର ପ୍ରଚେଷ୍ଟା ଜାରି ରହିଛି ।

ଆସନ୍ତୁ, ଆମେ ସମସ୍ତେ ମିଳିମିଶି କାମକରି ଆମ ରାଜ୍ୟର କୃଷକ ଭାଇମାନଙ୍କୁ ସୁଖୀ ରଖିବା ସଙ୍ଗେ ସଙ୍ଗେ ରାଜ୍ୟରେ ଖାଦ୍ୟ ନିରାପତ୍ତା ସହ ସାମୁହିକ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ।

****